ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.56 Bhubaneswar Friday, April 08, 2022 | ୨୫ତମ ବର୍ଷ ସଂଖ୍ୟା-୫୬ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୦୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଇମ୍ରାନ ଖାନ୍‌ଙ୍କୁ ସୁପ୍ରିମକୋର୍ଟଙ୍କ ଶକ୍ତ ଝଟ୍‌କା, ଅନାସ୍ଥା ପ୍ରସ୍ତାବକୁ ସାମ୍ନା କରିବେ



ନୂଆଦିଲ୍ଲୀ,୭ ।୪(ପି.ଏନ): ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ଝଟ୍‌କା । ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଖାରଜକୁ ଅସାମ୍ବିଧାନିକ କହିଲେ ସୁପ୍ରିମକୋର୍ଟ । ଆସନ୍ତା ଏପ୍ରିଲ ୯ରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପାକିସ୍ତାନ ସୁପ୍ରିମକୋର୍ଟ । ସେହିପରି ସଂସଦ ଭଙ୍ଗ ନିଷ୍ପତ୍ତିକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ । ଏଥିସହ ପୁନଃ ନିର୍ବାଚନ ନିଷ୍ପତ୍ତିକୁ ମଧ୍ୟ ଖାରଜ୍ କରିଛନ୍ତି ସୁପ୍ରିମକୋର୍ଟ । ଇମ୍ରାନ୍ ଖାନ୍ ସମ୍ବିଧାନ ମାନିବାକୁ ବାଧ୍ୟ ବୋଲି କୋର୍ଟ କହିଛନ୍ତି ।ସେହିପରି ଅଦାଲତ ନିର୍ବାଚନ କମିଶନଙ୍କୁ ସମନ କରିଛନ୍ତି । ସେହିପରି ଅନାସ୍ଥା ପ୍ରସ୍ତାବ ଖାରଜ ପାଇଁ ନିର୍ଦ୍ଦେଶ ଦେଇଥିବା ପାକିସ୍ତାନ ସଂସଦର ଉପ ବାଚ୍‌ସ୍ପତିଙ୍କ ବିରୋଧରେ କୋର୍ଟ ଚଳିତ ସପ୍ତାହରେ ଶୁଣାଣି କରିବେ । ଅନାସ୍ଥା ପ୍ରସ୍ତାବ ଖାରଜ ପାଇଁ ଉପ ବାଚ୍‌ସ୍ପତି ଦେଇଥିବା ନିର୍ଦ୍ଦେଶ ଅସାମ୍ବିଧାନିକ ବୋଲି କୋର୍ଟ କହିଛନ୍ତି ।ପୂର୍ବରୁ ପାକିସ୍ତାନ ଜାତୀୟ ଆସେମ୍ବଲିରେ ଇମ୍ରାନ ଖାନଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ଉପ ବାଚ୍‌ସ୍ପତି ଖାରଜ କରିଦେଇ ଥିଲେ । ଏହାପରେ ରାଷ୍ଟ୍ରପତି ଆରିଫ୍ ଆଲଭି ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପରାମର୍ଶକ୍ରମେ ପାକିସ୍ତାନ ସଂସଦକୁ ଭଙ୍ଗ କରିଥିଲେ । ଇମ୍ରାନ ୩ ମାସ ମଧ୍ୟରେ ନିର୍ବାଚନ ହେବ ବୋଲି କହିଥିଲେ । ହେଲେ ଏହାକୁ ବିରୋଧୀ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପହଞ୍ଚିଥିଲେ । କେଉଁ ପରିସ୍ଥିତିରେ ଅନାସ୍ଥା ପ୍ରସ୍ତାବ ଅଗ୍ରାହ୍ୟ ହେଲା, ତା'ର ବିଚାର ପାକିସ୍ତାନ ସୁପ୍ରିମକୋର୍ଟରେ କରାଯାଇଥିଲା ।

## ଜାଲ୍ ସାର୍ଟିଫିକେଟରେ ଆଡମିସନ୍ ଘଟଣାରେ ୨ ଅଟକ

ଭୁବନେଶ୍ୱର, ୭ ।୪(ପି.ଏନ): ବିଜେବି କଲେଜରେ ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟରେ ଆଡମିସନ୍ ଘଟଣାରେ ବଡ଼ଗଡ଼ ଥାନା ପୋଲିସ ୨ ଜଣଙ୍କୁ ଅଟକ ରଖିଛି । ବିଜେବି ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷଙ୍କ ଅଭିଯୋଗ କ୍ରମେ ସେମାନଙ୍କୁ ଅଟକ ରଖାଯାଇଥିବା ବେଳେ ପୋଲିସ୍ ସେମାନଙ୍କୁ ପଚରାଉଚରା କରୁଛି । ସୂଚନା ଅନୁଯାୟୀ ରାଜଧାନୀ ଭୁବନେଶ୍ୱରରେ ଜାଲ ଦିବ୍ୟାଙ୍ଗ ସାର୍ଟିଫିକେଟରେ କଲେଜରେ ୮ ଜଣ ନାଁ ଲେଖାଇଥିବା ଅଭିଯୋଗ ହୋଇଥିଲା । ଏନେଇ ବିଜେବି ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ନିରଞ୍ଜନ ମିଶ୍ର ବଡ଼ଗଡ଼ ଥାନାରେ ଏତଲା ଦେଇଥିଲେ । ପୋଲିସ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବିରୋଧରେ ଆଇପିସି ଦଫା-୪୨୦,୪୬୫, ୪୬୮,୪୭୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଦେଇଥିବା ଛାତ୍ରଛାତ୍ରୀମାନେ ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ ଶିକ୍ଷାବର୍ଷରେ । ସେମାନେ ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର କଳା ଏବଂ ବିଜ୍ଞାନ ଛାତ୍ରଛାତ୍ରୀ । ଏହି ଛାତ୍ରଛାତ୍ରୀମାନେ ଦାଖଲ କରିଥିବା ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଭଦ୍ରକ ଓ କଟକ ସିଡିଏମ୍‌ଓ ଅଫିସ୍ ପକ୍ଷରୁ ଜାରି ହୋଇଛି ବୋଲି ଦର୍ଶାଇଥିଲେ । ଯାଂଚ ସମୟରେ ଏହି ୮ଜଣ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍ ଜାଲ୍ ବୋଲି ଜଣାପଡ଼ିଥିଲା ।



ବାରିପଦାରେ ନବରାତ୍ରି ଅବସରରେ ମା ଅମ୍ବିକାଙ୍କ (ଧୂମାବତୀ ବେଶ)

## କରୋନାର ନୂଆ ଭାରିଆଂଟକୁ ନେଇ ଭୟଭୀତ ହେବା ଅନାବଶ୍ୟକ : ଡିଏମଇଟି

ଭୁବନେଶ୍ୱର, ୭ ।୪(ପି.ଏନ): କରୋନା ଭୁତାଣୁର ନୂଆ ଏକ୍ସଇ ଭାରିଆଂଟକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ । ଭାରତରେ ଏକ୍ସଇ ଭାରିଆଂଟ ଚିହ୍ନଟ ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଅସ୍ୱୀକାର କରିଛନ୍ତି । ଏହା କେତେ ସଂକ୍ରାମକ ତାହା ଉପରେ ତର୍ଜମା ଚାଲିଛି । ଏହା ପ୍ରାଥମିକ ଅବସ୍ଥାରେ ଅଛି ବୋଲି ଡିଏମଇଟି ଡାକ୍ତର ରମାରମଣ ମହାନ୍ତି କହିଛନ୍ତି ।ତଥାପି ମାସ୍କ ପିନ୍ଧିବା ଜରୁରୀ । ଅନ୍ୟ ରାଜ୍ୟରେ ମାସ୍କ ପ୍ରତ୍ୟାହାର ହେଲାଣି, ଓଡ଼ିଶାରେ ହେବ କି ନହେବ ସେନେଇ ରାଜ୍ୟ ସରକାର ନିଷ୍ପତି ନେବେ ବୋଲି ଡିଏମଇଟି ଡାକ୍ତର ରମାରମଣ ମହାନ୍ତି କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତକାଲି ମୁମ୍ବାଇର ଜଣେ ବ୍ୟକ୍ତିଙ୍କ ଶରୀରରେ ଏହି ଭୁତାଣୁ ଚିହ୍ନଟ ହୋଇଥିଲା । ୫୦ ବର୍ଷୀୟା ଉକ୍ତ ମହିଳା ଦକ୍ଷିଣ ଆଫ୍ରିକାରୁ ଫେରିଥିଲେ । ତେବେ ତାଙ୍କ ଶରୀରରେ କୌଣସି ଲକ୍ଷଣ ନାହିଁ ଓ ସେ ମଧ୍ୟ ଦୁଇଟି ଡୋଜ୍ ଟିକା ନେଇଛନ୍ତି । ଦେଶରେ କରୋନା ଭୁତାଣୁର ଏକ୍ସଇ ଭାରିଆଂଟ ଚିହ୍ନଟ ହୋଇଥିବା କଥା ମୁମ୍ବାଇ ମହାନଗର ନିଗମ (ବିଏମସି ) ପକ୍ଷରୁ ଘୋଷଣା କରାଯିବାର କିଛି ଘଂଟା ମଧ୍ୟରେ ତାହାକୁ ଖଣ୍ଡନ କରିଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ।

## ଗୋଟିଏ ଦିନରେ ୨୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୭ ।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୮୦୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୪୧୯ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୮ ରହିଛି ।ଆଜି ଚିହ୍ନଟ ହୋଇଥିବା ୨୮ ଜଣଙ୍କ ମଧ୍ୟରୁ ୧୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲା ୧, ବାଲେଶ୍ୱର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ସଂକ୍ରମିତ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଓ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ଗଂଜାମ ଓ ଜଗତସିଂହପୁର ଜିଲ୍ଲାରୁ ୧-୧ ସଂକ୍ରମିତ ଚିହ୍ନଟ ଚିହ୍ନଟ ହୋଇଛନ୍ତି । ଯାଜପୁର, ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।କେନ୍ଦ୍ରାପଡା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଓ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ପୁରୀ ଓ ରାୟଗଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।



ଡିଏଭି ପବ୍ଲିକ ସ୍କୁଲ ଚନ୍ଦ୍ରଶେଖରର ସପ୍ତମ ଶ୍ରେଣୀ ଛାତ୍ରୀ ଆରିଆ ଉପାସୀତା ସାହୁ ନିଜ ଦ୍ୱାରା ଅଙ୍କିତ ଅଧ୍ୟକ୍ଷ ଡକ୍ଟର କେଶବ ଚନ୍ଦ୍ର ଶତପଥୀଙ୍କ ଚିତ୍ର ତାଙ୍କ ଅବସର ଗ୍ରହଣ ଦିନ ପ୍ରଦାନ କରୁଛନ୍ତି

## ତୈଳ ଓ ଗ୍ୟାସ ଦର ପ୍ରତିବାଦରେ ରାଜଭବନ ସମ୍ମୁଖରେ କଂଗ୍ରେସର ଧାରଣା

ଭୁବନେଶ୍ୱର, ୭ ।୪(ପି.ଏନ): ପେଟ୍ରୋଲ, ଡିଜେଲ, ଗ୍ୟାସ, ପିଏନଜି ଓ ସିଏନଜି ଦର ବାରମ୍ବାରବୃଦ୍ଧି ସମ୍ପର୍କରେ ଜନସାଧାରଣଙ୍କୁ ଏ ସଂପର୍କରେ ସଚେତନ କରି ବିଜେପି ସରକାରଙ୍କର ମନମୁଖି ଶାସନ ବ୍ୟବସ୍ଥା ବିରୋଧରେ ସ୍ୱର ଉତୋଳନ କରିବାପାଇଁ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ "ମହଙ୍ଗାଇ ମୁକ୍ତ ଧାରଣା ଓ ପଦଯାତ୍ରା"କାର୍ଯ୍ୟକ୍ରମ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜଭବନ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଲେଯେ ଦେଶରେ ଆଚ୍ଛେଦିନର ସ୍ୱପ୍ନ ଦେଖାଇ ଶାସନକୁ ଆସିଥିବା ବିଜେପି ସରକାର ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି । ତେଲ ଓ ଗ୍ୟାସ ଦର ବାରମ୍ବାର ବଢ଼ିବାରୁ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି । କେନ୍ଦ୍ର ଓ ରାଜ୍ୟ ସରକାର ତୈଳ ଉପରୁ ଏକ୍ସାଇଜି ଡ୍ୟୁଟି ଓ ଭ୍ୟାଟ ହ୍ରାସ ନକରିବାରୁ ତେଲ ଦର କ୍ରମାଗତ ରାଜ୍ୟରେ ବଢ଼ି ଚାଲିଛି । ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ତେଲ ଦର ନକମିବା ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । କଂଗ୍ରେସ ଶାସନ ସମୟରେ ଆର୍ନ୍ତଜାତୀୟ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପ୍ରତି ୧୨୧ ରୁ ୧୩୮ ଡଲାର ଥିବାବେଳେ ଜନସାଧାରଣ ପେଟ୍ରୋଲ ୬୪ ଟଙ୍କାରୁ ୭୮ ଟଙ୍କାରେ ପାଉଥିଲେ, ଡିଜେଲ ୫୮ ଟଙ୍କାରୁ ୬୨ ଟଙ୍କା ମଧ୍ୟରେ ପାଉଥିଲେ ଓ ରନ୍ଧନ ଗ୍ୟାସ ୪୧୪ ଟଙ୍କାରେ ପାଉଥିଲେ । ମାତ୍ର ବର୍ତମାନ ଅଶୋଧିତ ତୈଳ୍ୟ ଦର ୧୦୦ ରୁ ୧୦୪ ଡଲାର ମଧ୍ୟରେ ରହିଥିବା ବେଳେ ଜନସାଧାରଣ ପେଟ୍ରୋଲ ଲିଟର ପ୍ରତି ୧୦୧ ଟଙ୍କାରୁ ୧୧୮ ଟଙ୍କା କିଣୁଛନ୍ତି, ଡିଜେଲ ୯୭ ଟଙ୍କାରୁ ୧୦୫ ଟଙ୍କା ଓ ରନ୍ଧନ ଗ୍ୟାସ ୯୭୦ ଟଙ୍କାରୁ ୧୦୧୨ ଟଙ୍କାରେ କିଣିବାକୁ ବାଧ୍ୟ ହେଉଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅପରିଣାମଦର୍ଶିତା ଯୋଗୁଁ ଦେଶବାସୀ ଏପରି ମହଙ୍ଗାଇର ଶୀକାର ହୋଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଡ. ଯୁଧିଷ୍ଠୀର ଜେନା, ଡ. ଦେବାଶିଷ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଜୟଦେବ ଜେନା, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଂଟିଆ, ବିଧାୟକ ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ବିସ୍ମୟ ମହାପାତ୍ର, ସୁଦର୍ଶନ ଦାସ, ବିଶ୍ୱଜିତ ଦାଶ, ମନୋରଞ୍ଜନ ଦାଶ, ରଜନୀ ମହାନ୍ତି, ହଳଧର ସେଠୀ, ପଦ୍ମାକର ଗୁରୁ, ମଧୁସ୍ମିତା ଆଚାର୍ଯ୍ୟ, ଅଶୋକ ଦାସ, ସତ୍ୟବ୍ରତ ନାୟକ, ଅମିତା ବିଶ୍ୱାଳ, ବିଶ୍ୱଭୂଷଣ ମହାପାତ୍ର, ଅଜୟ ସାମଲ, ଇତିଶ୍ରୀ ମଲ୍ଲିକ , ଜାନକୀ ବଲ୍ଲଭ ପଟ୍ଟନାୟକ, ନିଶିକାନ୍ତ ମିଶ୍ର, ଅମିୟ ପଟ୍ଟନାୟକ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, ସେବାଦଳ ଓ ବିଭିନ୍ନ ପ୍ରକୋଷ୍ଠ ଓ ବିଭାଗର କର୍ମକର୍ତା ଉପସ୍ଥିତ ଥିଲେ ।

## ଜଳସେଚନ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ବାଧକ : ବିଜେପି

ଭୁବନେଶ୍ୱର, ୭ ।୪(ପି.ଏନ): ଗ୍ରୀଷ୍ମ ଋତୁ ଆରମ୍ଭରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ବର୍ତମାନ ଜଳ ସମସ୍ୟା ଦେଖାଦେଉଛି । ୨୨ବର୍ଷ ଶାସନ କ୍ଷମତାରେ ରହି ମଧ୍ୟ ଜଳ ସଂରକ୍ଷଣ ବ୍ୟବସ୍ଥାରେ ଫେଲ ହୋଇଥିବା ନବୀନ ସରକାର ରାଜ୍ୟରେ ସାମାନ୍ୟ କେନାଲଟିଏ ମଧ୍ୟ ନିର୍ମାଣ କରିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ୩୫% ଜମି ଜଳସେଚନ ନାଁରେ ବିଜେଡି ସରକାର ପ୍ରହେଳିକା କରିଆସୁଛନ୍ତି । ୨୦୦୩ରୁ ଫାଇଲ ଚାଷ ଆରମ୍ଭ କରି ୨୦୦୬ରେ ରାଜ୍ୟପାଳଙ୍କ ଭାଷଣରେ ପ୍ରତି ବ୍ଲକରେ ଅତି କମ୍‌ରେ ୩୫% ଜଳସେଚନ କଥା କହିଥିଲେ ନବୀନ ସରକାର । ଆଜି ୨୦୨୨ରେ ମଧ୍ୟ ରାଜ୍ୟରେ ଜଳସେଚନ କେବଳ କାଗଜ କଲମରେ ସେହି ୩୫%ରେ ଅଟକି ଯାଇଛି । ଏପରିକି କେତେ ଜମି ଜଳସେଚିତ ହୋଇଛି, ତାହାର ତଥ୍ୟ ମଧ୍ୟ ରାଜ୍ୟ ସରକାରଙ୍କ ନିକଟରେ ନାହିଁ । ରାଜ୍ୟ ସରକାର ବାଧକ ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ ଅଭିଯୋଗ ଆଣିଛନ୍ତି । କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ଓଡିଶା ରାଜ୍ୟକୁ ଜଳ ସେଚନ ପ୍ରକଳ୍ପ ବାବଦରେ ୮୪୩କୋଟି ଟଙ୍କା ଦେଇଥିଲେ । କିନ୍ତୁ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଟଙ୍କା ଫେରିଗଲା ବୋଲି ସଦ୍ୟ ପ୍ରକାଶିତ ସିଏଜି ରିପୋର୍ଟରେ ଉଲ୍ଲେଖ ହୋଇଛି । ଅଯଥା ବିଳମ୍ବ କାରଣରୁ ପ୍ରସ୍ତାବିତ ପ୍ରକଳ୍ପଗୁଡିକର ମୂଲ୍ୟ ଅଯଥାରେ ବହୁ ଗୁଣା ବୃଦ୍ଧି ପାଇସାରିଛି । ଏହି ଅନାବଶ୍ୟକ ଆର୍ଥୀକ ବୋଝ ସାଧାରଣ ଓଡିଶାବାସୀଙ୍କ ଉପରେ ଲଦି ଦେଉଛନ୍ତି ରାଜ୍ୟ ସରକାର ବୋଲି ଶ୍ରୀ ମଲ୍ଲିକ ଅଭିଯୋଗ କରିଛନ୍ତି ।ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ନୀତି କାରଣରୁ ରାଜ୍ୟରେ ବର୍ଷାଜଳ ସଂରକ୍ଷଣ ହୋଇପାରୁନାହିଁ ଏବଂ ୮୦ ରୁ ୯୦% ବର୍ଷା ଜଳ ବ୍ୟବହାର ଉପଯୋଗୀ ହୋଇନପାରି ସିଧାସଳଖ ସମୁଦ୍ରରେ ମିଶୁଛି । ଛତିଶଗଡ଼ର କଲମା ବ୍ୟାରେଜ ଲାଗି ଓଡ଼ିଶାର ନଦୀରେ ଏବେ ପାଣି କମିବାରେ ଲାଗୁଛି । ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଂଗରୁ ଓଡ଼ିଶା ଦେଇ ପ୍ରବାହିତ ବିଭିନ୍ନ ନଦୀ ଜରିଆରେ ରାଜ୍ୟକୁ ୩୫.୫୬ଶହ କୋଟି ଘନମିଟର ଜଳ ପ୍ରବେଶ କରୁଛି । ମାତ୍ର ରାଜ୍ୟ ସରକାରଙ୍କ ଅବ୍ୟବସ୍ଥିତ ଜଳ ସଂରକ୍ଷଣ କାରଣରୁ ୨୦୨୫ବେଳକୁ ଏହି ପରିମାଣ ୨୫.୨୭ଶହ କୋଟି ଘନମିଟରକୁ ହ୍ରାସ ପାଇବାର ଆଶଂକା ସୃଷ୍ଟି ହୋଇଥିବାବେଳେ ରାଜ୍ୟ ସରକାରଙ୍କ ସେଥିପ୍ରତି ଆଦୌ ଧ୍ୟାନ ନାହିଁ ।କୃଷି କ୍ଷେତ୍ରରେ ୭୮% ବା ୧୦୩୬କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ରାଜ୍ୟ ସରକାର ହରାଇଛନ୍ତି । ୨୦୨୧ ମସିହାରେ ଓଡ଼ିଶାର କୃଷକମାନଙ୍କ ପାଇଁ ୧୩୩୪କୋଟି ଟଙ୍କାର ବଜେଟ ବ୍ୟବସ୍ଥା ରହିଥିଲା । ୨୦୨୧ରେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶାରେ ୨୯୮କୋଟି ଟଙ୍କା କୃଷକ ଫଣ୍ଡକୁ ମିଳିଲା । ମାତ୍ର ରାଜ୍ୟସରକାରଙ୍କ ଅପାରଗତା କାରଣରୁ ବର୍ଷ ଶେଷ ସୁଦ୍ଧା ସମୁଦାୟ ଆର୍ଥିକ ଅନୁଦାନର ମାତ୍ର ୧୨ ପ୍ରତିଶତ ଖର୍ଚ୍ଚ ହୋଇଥିଲା ।ଜଗତସିଂହପୁର ଜିଲ୍ଲାରେ ମହାନଦୀ, ଦେବୀ, ଚିତ୍ରୋତ୍ପଳା ଓ ପାଇକା ନଦୀରେ ପାଣି ନାହିଁ । ଏହି ନଦୀ ଗୁଡ଼ିକ ପୋତି ହୋଇଯାଇ ଥିବାବେଳେ ଗ୍ରୀଷ୍ମ ଦିନରେ ଶୁଖି ଯାଉଛି । ରାଜ୍ୟ ସରକାର ଏହି ନଦୀଗୁଡ଼ିକ ଖୋଲିବା ସହ ନଦୀବନ୍ଧ ପାଇଁ ଆଦୌ ଧ୍ୟାନ ଦେଉନାହାନ୍ତି । ତାଳଦଣ୍ଡା କେନାଲ, ମାଛଗାଁରେ କେନାଲ ଅଛି କିନ୍ତୁ ପାଣିନାହିଁ । ୬ଟି ନଦୀ ଏବେ ମୃତବତ ରହିଥିବାବେଳେ ୪ଟି ମୃତ୍ୟୁ ଅପେକ୍ଷାରେ ରହିଛି । ହଂସୁଆ, ଧନୁଆ, ଗୋବରୀ ଓ ବୃନ୍ଦାନଦୀର ମୃତ୍ୟୁ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ସବୁ ଜାଣିବି ନଜାଣିଲା ପରି ଅଭିନୟ କରୁଛନ୍ତି । ଓଡ଼ିଶାର ସୁନାନଦୀ, ମଳଦା, ଜଳପା, ରାଣୀମା ଭଳି ଉପନଦୀ ବୈତରଣୀରେ ମିଶିଥିବାବେଳେ ତଳ ଭାଗରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କଙ୍ଗିରା, ମାଛକାନ୍ଦଣା, ଅରଡେଇ, କାନଝରୀ, ସୀତା, କୁକୁରକଟା ଉପନଦୀର ରକ୍ଷଣାବେକ୍ଷଣ ଅଭାବ ରହିଛି । ରାଜ୍ୟ ସରକାର ଏନେଇ କୌଣସି ପଦକ୍ଷେପ ନନେଇ କେନ୍ଦ୍ରୀୟ ଅନୁଦାନକୁ ଫେରାଇ ଦେଉଛନ୍ତି । ଯେଉଁ ନଦୀରେ ସ୍ୱଚ୍ଛ ଜଳ ରହୁଛି ତାହାକୁ ଶିଳ୍ପସଂସ୍ଥାମାନେ ନେଉଛନ୍ତି । ନଦୀରୁ ଶିଳ୍ପ ସଂସ୍ଥାମାନେ ମାର୍ଚ୍ଚ ମାସରେ ୭୨%, ଏପ୍ରିଲ ମାସରେ ୮୭%, ମଇ ମାସରେ ୪୯% ଶୋଷି ନେଇଛନ୍ତି । ଏହି ପାଣି ସମସ୍ୟା ପ୍ରତ୍ୟେକ ଜିଲ୍ଲାରେ ଦେଖାଦେଉଛି । ଦୟାନଦୀ କେନାଲ ପାଣି ଆସୁନାହିଁ । ରାଜଧାନୀରେ ଦୟା ୱେଷ୍ଟ କେନାଲରେ ଆଜିକୁ ୫ବର୍ଷ ବିତିଯାଇଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ରାଜ୍ୟ ସରକାର କରୁନାହାନ୍ତି । କଳାଝରୀ, କାଳାରାହାଙ୍ଗ, ଇଞ୍ଜଣା, ପଟିଆ, ଭୋଟପଡ଼ା, ମଂଚେଶ୍ୱର, ଚକେଇସିଆଣି ଓ ପଳାଶୁଣି ଅଂଚଳରେ ପାଣି ସମସ୍ୟା ପ୍ରତ୍ୟେକ ବର୍ଷ ଦେଖାଦେଉଛି । ୫ବର୍ଷରୁ ଊର୍ଦ୍ଧ୍ୱ ହେଲା କାନପୁର ଗେଟ ଖୋଲା ହୋଇନାହିଁ । ରାଜ୍ୟର ଏହି ପାଣି ସମସ୍ୟା ଦୂର କରିବାକୁ ଶ୍ରୀ ମଲ୍ଲିକ ଦାବି କରିଛନ୍ତି । ବିଧାନସଭାରେ ବଜେଟ୍ ଅଧିବେଶନବେଳେ ରାଜ୍ୟର କୃଷିମନ୍ତ୍ରୀ ରାଜ୍ୟରେ ଚାଷର ଉନ୍ନତି ହୋଇଛି ବୋଲି ଡିଣ୍ଡିମ ପିଟୁଥିଲାବେଳେ ବାସ୍ତବରେ ଏହା ବିଧାନସଭାରେ ପ୍ରଶ୍ନର ଉତରରେ ସୀମିତ । ମା', ମାଟି ଓ ଜଳ ପାଇଁ ବିଜେପି ସର୍ବଦା ଲଢ଼େଇ କରୁଛି ଓ ଭବିଷ୍ୟତରେ କରିବ । ଏଥିରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ଶାସକ ବିଜୁ ଜନତା ଦଳ କେବଳ ରାଜ୍ୟବାସୀଙ୍କୁ ପ୍ରତାରଣା କରି ଶସ୍ତା ରାଜନୀତି କରୁଛି । ଜନତାଙ୍କ ସୁରକ୍ଷା ଓ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେଇ ଭାରତୀୟ ଜନତା ପାର୍ଟି ସର୍ବଦା ଲଢ଼େଇ ଜାରୀ ରଖିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

## ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ ତୁରନ୍ତ କାର୍ଯ୍ୟକାରୀ କରାଯାଉ : ସମୀର ମହାନ୍ତି

ଭୁବନେଶ୍ୱର, ୭ ।୪(ପି.ଏନ): କେନ୍ଦ୍ର ସରକାର ଦେଶବାସୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ମିଶନ ମୋଡରେ ଆରମ୍ଭ କରିଥିବା "ୱାନ ନେସନ, ୱାନ ହେଲଥ୍" କାର୍ଯ୍ୟକ୍ରମ ଅନ୍ତର୍ଗତ ୨୦୧୮ରେ ଆୟୁଷ୍ମାନ ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନାରେ ସାଧାରଣ ଲୋକଟି ଶସ୍ତା ଓ ସୁବିଧାରେ ନିଜ ରାଜ୍ୟ ସମେତ ଦେଶର ଅନ୍ୟ ରାଜ୍ୟରେ ମଧ୍ୟ ସହଜରେ ଚିକିତ୍ସିତ ପାଇପାରିବ । ମିଶନ ଇନ୍ଦ୍ରଧନୁଷରେ ବର୍ତମାନ ସୁଦ୍ଧା ୩.୮୬ କୋଟି ଶିଶୁ ଏବଂ ୯୬.୮ ଲକ୍ଷ ଗର୍ଭବତୀ ମହିଳାଙ୍କୁ ମାଗଣା ଟୀକାକରଣ କରାଯାଇଛି । ୧୮୫ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ କୋଭିଡ୍ ଟୀକାକରଣ ସରିଛି । ୨୦୨୫ ମସିହା ସୁଦ୍ଧା ଟିବି ମୁକ୍ତ ଭାରତ ଲକ୍ଷ୍ୟ ରଖିଛନ୍ତି ମୋଦି ସରକାର । ଅପର ପକ୍ଷରେ ଓଡିଶା ସରକାରଙ୍କ ଆନ୍ତରିକତା ଓ ପ୍ରୋତ୍ସାହନ ଅଭାବ କାରଣରୁ ଏହି ସ୍ୱାସ୍ଥ୍ୟଭିତିକ ଯୋଜନାର ସୁଫଳ ପାଇବାରୁ ବଂଚିତ ହେଉଛନ୍ତି ଓଡିଶାବାସୀ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଆୟୁଷ୍ମାନ ଯୋଜନାରେ ୧୩.୪୪କୋଟି ପରିବାର ତଥା ୬୫କୋଟି ହିତାଧିକାରୀ ଉପକୃତ ହୋଇଛନ୍ତି । ନ୍ୟାସନାଲ ଡିଜିଟାଲ ହେଲ୍‌ଥମିଶନ ଗତ ୨୦୨୦ ଅଗଷ୍ଟ ୧୫ତାରିଖରେ ମୋଦୀ ଶୁଭାରମ୍ଭ କରିଥିଲେ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ (ପିଏମ-ଜିଏୱାଇ) ଅନ୍ତର୍ଗତ ୧୬,୦୮୫ ଡାକ୍ତରଖାନାକୁ ତାଲିକାଭୁକ୍ତ କରାଯାଇଛି ଏବଂ ୧୦କୋଟିରୁ ଅଧିକ ଲୋକଙ୍କୁ ଇ-କାର୍ଡ ପ୍ରଦାନ କରାଯାଇଛି । ଏବେ ୧୭,୧୫୦ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟ କରୁଛି । ପଶ୍ଚିମବଙ୍ଗ, ତେଲେଙ୍ଗାନା, ଓଡ଼ିଶା, ଦିଲ୍ଲୀ ୪ଟି ରାଜ୍ୟ ଆୟୁଷ୍ମାନ ଯୋଜନାକୁ ସ୍ଥାନୀୟ ସରକାର ନିଜ ନିଜ ରାଜ୍ୟରେ କାର୍ଯ୍ୟକାରୀ କରିନାହାନ୍ତି । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ (ପିଏମ-ଜିଏୱାଇ) ଅନ୍ତର୍ଗତ ୧୬,୦୮୫ଡାକ୍ତରଖାନାକୁ ତାଲିକାଭୁକ୍ତ କରାଯାଇଛି ଏବଂ ୧୦କୋଟିରୁ ଅଧିକ ଲୋକଙ୍କୁ ଇ-କାର୍ଡ ପ୍ରଦାନ କରାଯାଇଛି ।










## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଋହଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଋମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁଭବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢ଼ଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟକଙ୍କ ଭିଡ଼। ଏହି ଉଦେଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଣ୍ୟରେ ସାହାଯଣ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ଼।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ଼ ବିଶ୍ୱବିଦଣ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ୟତୀତ ଅନଣ୍ୟ ରାଜଣ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ୟାରେ ପର୍ଯଣ୍ୟଟକଙ୍କ ଭିଡ଼ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟଣ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ୟଟକଙ୍କ ଭିଡକୁ ଲକ୍ଷଣ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ୟତି ହେବି ନାହିଁ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।



# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ-ସତ୍‌ସଙ୍ଗର ଆହ୍ୱାନ




**ଶ**ରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି। ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି। ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ। ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ। ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ। ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା। ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ। ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ। ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ। ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ। ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ। ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ। ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ।



ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁଷ୍ଠ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉସ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା। ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ। ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି। ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ। ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ। ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ। ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା। ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି- ଉପାସନା। ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ। ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ। ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା। ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ। ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ। ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ। ଆଧାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ- ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା। ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ। ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ। ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି। ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭*

# ଶୋଭନୀୟ ଚେତନାରେ ପୂଜ୍ୟ ଶ୍ରୀ କୁମାର ଭାଇ



**ପୃ**ଥିବୀରେ ଅନେକ ଆନ୍ଦୋଳନର ଭିତ୍ତି ପଡ଼ିଛି ମାନବ ଜୀବନକୁ ଶୁଦ୍ଧପୂତ କରିବା ପାଇଁ ଓ ଆଦର୍ଶ ଓ ଶାନ୍ତିମୟ କରି ଗଢ଼ିତୋଳିବା ପାଇଁ। ବହୁ ମହାତ୍ମା, ମନିଷୀ, ସନ୍ଥ, ସାଧକ, ମହାପୁରୁଷ ଓ ପ୍ରବର୍ତ୍ତକଙ୍କର ତମାମ ଜୀବନ ଉତ୍ସର୍ଗୀକୃତ ହୋଇଛି ତଥାକଥିତ ପଙ୍କିଳ ଓ ବିଶୃଙ୍ଖଳିତ ମାନବ ସମାଜକୁ ବିଭିନ୍ନ ମାର୍ଗଦ୍ୱାରା ଶୃଙ୍ଖଳିତ କରିବାର ପ୍ରଚେଷ୍ଟାରେ। ଆଦିମ କାଳରୁ ମାନବ ଖୋଜିଆସିଛି ବାସ୍ତବ ଶାନ୍ତି, ଆନନ୍ଦ, ଶୁଦ୍ଧ ସ୍ନେହ, ମମତା ଓ ପବିତ୍ର ଭଲପାଇବା। କିନ୍ତୁ ଦୁଃଖ ଓ କ୍ଷୋଭର କଥା କେତେକ ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ଆଜିର ସୂଚନାପ୍ରଯୁକ୍ତିର ମଣିଷ ଶାନ୍ତି ନାମରେ ଭ୍ରାନ୍ତି, ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଓ ଉଚ୍ଛୃଙ୍ଖଳତା, ସ୍ନେହନାମରେ ସଂକୀର୍ଣ୍ଣ ସ୍ୱାର୍ଥ ଓ ଛଳନା ଓ ସୁଖ ନାମରେ କ୍ଷଣିକ ଉନ୍ମାଦନା ଲାଭ କରିଛି। ସବୁ କ୍ଷେତ୍ରରେ ଦେଖନ୍ତୁ ଆଜି ଧର୍ମଠାରୁ ଆରମ୍ଭ କରି ରଜାନୀତି, ଶିକ୍ଷା, ବ୍ୟବସାୟ, ସମାଜସେବା, ପାରିବାରିକ ଜୀବନ ସବୁକ୍ଷେତ୍ରରେ ଅଶୋଭନୀୟତା ଭରିଗଲାଣି। ସମାଜର ଏହି ନାନା ସମସ୍ୟାକୁ ଗଭୀରଭାବେ ଅନ୍ତର୍ଦୃଷ୍ଟି ସହ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ ମାନବିକ ଚେତନା ଓ ନୈତିକ ଶକ୍ତିର ଅଭାବ ହିଁ ଏ ସମସ୍ତ ସମସ୍ୟାର ମୂଳ କାରଣ। ତେଣୁ ମାନବିକ ଚେତନା ଓ ନୈତିକ ଶକ୍ତିର ବିକାଶ ବିନା ପୃଥିବୀର କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ। ତଥାକଥିତ ସମାଜର ଚତୁର୍ଦ୍ଦିଗର ଅଶୋଭନୀୟତାର ରାକ୍ଷସ ଅନୀତି ଦୁର୍ନୀତି ବିଶ୍ୱାସଘାତକତା, ହିଂସା ପ୍ରତିହିଂସା ଓ କ୍ଷମତା ଲିପ୍‌ସୁର ମୁଣ୍ଡ ଟେକିଥିଲାବେଳେ ଏହାକୁ ପ୍ରତିହତ କରି ଏକ ଦିବ୍ୟ ସମାଜର ସ୍ୱପ୍ନ ଦେଖିଥିଲେ ଯେଉଁ ଯୁଗ ପୁରୁଷ ସେ ଥିଲେ ପୂଜ୍ୟ ଶ୍ରୀ କୁମାର ଭାଇ। ୧୯୪୭ ମସିହା ଏପ୍ରିଲ ୮ ତାରିଖ ଦିନ ମାତା ପୂଣ୍ୟପ୍ରଭା ଦେବୀ ଓ ପିତା ଶ୍ୟାମସୁନ୍ଦର ଦାସଙ୍କ ସେ କୋଳମଣ୍ଡନ କରିଥିଲେ। ମାତ୍ର ୯ମାସ ବୟସରେ ସର୍ପାଘାତରେ ମାତୃବିୟୋଗ ପରେ ପୂଜ୍ୟ ଶ୍ରୀ ଭାଇଙ୍କର ଦାୟିତ୍ୱ ନେଇଥିଲେ ଓଡ଼ିଶାରେ ନାରୀଶିକ୍ଷାର ପ୍ରବର୍ତ୍ତିକା ଶ୍ରୀମତୀ ରେବା ଦେବୀ। କଟକ ଓ ଭୁବନେଶ୍ୱର ସେଣ୍ଟ ଜୋସେଫ୍ କନ୍‌ଭେଣ୍ଟରେ ଅଧ୍ୟୟନ କରୁଥିବା ସମୟରେ ମାତ୍ର ୧୩ ବର୍ଷ ବୟସରେ ନିମନ୍ତ୍ରଣ ପାଇ କଳାର ଆକର୍ଷଣରେ ସେ ବମ୍ବେ ଯାଇଥିଲେ। ସେଠାରେ ଏକ ଅର୍ଦ୍ଧନଗ୍ନ ନୃତ୍ୟ ପରିବେଷଣକୁ ମିଠାବିଷ ମନ୍ତବ୍ୟ ଦେଇଥିବାରୁ ମଞ୍ଚ ଉପରୁ ଟେକାମାଡ଼ ଖାଇ ସେ ରକ୍ତାକ୍ତ ହୋଇଥିଲେ ମଧ୍ୟ ସେହି ନୃତ୍ୟାଙ୍ଗନା ଭଉଣୀ ବିମଳା କିନ୍ତୁ ଶପଥ ନେଇଥିଲେ ନିଜ ଜୀବନକୁ ପରିବର୍ତ୍ତନ କରିବା ପାଇଁ। ପରବର୍ତ୍ତୀ ସମୟରେ ଏହି କିଶୋର ଜଣକ ନିଜ ରାଜ୍ୟ, ସମାଜ ଓ ରାଷ୍ଟ୍ରରେ ପରିବର୍ତ୍ତନର ଜାଗରଣ ନେଇ ଫେରିଥିଲେ ନିଜ ଓଡ଼ିଶା ମାଟିକୁ। ସମାଜର ସୁପରିବର୍ତ୍ତନ ପାଇଁ ଜନସାଧାରଣଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସରେ ଯୁଗପଥ ପରିବର୍ତ୍ତନ ପାଇଁ ସେ ପ୍ରଚେଷ୍ଟା ଆରମ୍ଭ କରିଥିଲେ। ସେ ବିଶ୍ୱାସ କରିଥିଲେ ମନ ବଦଳିଲେ ଯୁଗ ବଦଳିବ। ଏହି ପରିବର୍ତ୍ତନ ସମ୍ଭବ ହୋଇପାରିବ ଶିକ୍ଷା, ସାହିତ୍ୟ, ନାଟକ, ସଂଗୀତ, କଳା, ପତ୍ରପତ୍ରିକା, ସମ୍ବାଦପତ୍ର ଓ ରେଡ଼ିଓ, ଟେଲିଭିଜନ, ବିଭିନ୍ନ ଗଠନ ମୂଳକ ପ୍ରଚାର ଶୈଳୀ, ଧର୍ମସଭା ଓ ମାନବିକ ଚେଦନାଦାୟକ ଜାଗରଣକାରୀ ସଂସ୍ଥା ସାହାଯ୍ୟରେ। ସମାଜର ସୁରକ୍ଷା, ଶାନ୍ତି ଓ ମଙ୍ଗଳ ପ୍ରତିଷ୍ଠା ପାଇଁ ୧୯୬୨ ମସିହା ଅପ୍ରେଲ ୮ ତାରିଖରେ ଶ୍ରୀରାମଚନ୍ଦ୍ର ଭବନ ଠାରେ ତତ୍କାଳୀନ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରାଣକୃଷ୍ଣ ପରିଜାଙ୍କ ପୌରୋହିତ୍ୟରେ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଉଦ୍‌ଘାଟିତ ହୋଇଥିଲା। ଏହାର ଆୟୋଜକ ଥିଲେ ଦେଶସେବୀ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ। ସମଗ୍ର ମାନବ ସମାଜକୁ ଅଶୋଭନୀୟତା ଓ ହିଂସା ପ୍ରତିହିଂସା ଧ୍ୱଂସ ଆଡ଼କୁ ନେଇଯାଉଥିବା ସମୟରେ ଓଡ଼ଇଶାର ଏହି ତରୁଣ ପୂଜ୍ୟ ଶ୍ରୀ କୁମାର ଭାଇ ଅଶୋଭନୀୟତାର ବିରୋଧ ଓ ଶୋଭନୀୟତାର ବିକାଶ ପାଇଁ ଚେତନାର ଶଂଖ ଶୁଣାଇଥିଲେ। ପରବର୍ତ୍ତୀ ସମୟରେ ଦେଶ ବିଦେଶରୁ ଏହି ଆନ୍ଦୋଳନ ପ୍ରତି ବହୁ ସମର୍ଥନ ଓ ସଦିଚ୍ଛାର ସୁଅ ଛୁଟିଥିଲା। ଭାରତୀୟ ବିଦ୍ୟାଭବନର ପ୍ରତିଷ୍ଠାତା ଡଃ. କେ. ଏମ୍. ମୁନ୍‌ସି, ଭୂଦାନ ଯଜ୍ଞର ପୁରୋଧା ବିନୋବା, ଲାଲ୍ ବାହାଦୂର ଶାସ୍ତ୍ରୀ, ମୋରାରଜୀ ଦେଶାଇ, ଲଣ୍ଡନର ଜିଓ ପେଡ଼ାକ୍ସ, ଆଚାର୍ଯ୍ୟ ହରିହର, ଡଃ. ହରେକୃଷ୍ଣ ମହତାବ, ପଦ୍ମଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ, ମା' ରମାଦେବୀ ପ୍ରମୁଖ ସମର୍ଥନ ଜଣାଇଥିଲେ। ଶିକ୍ଷାକ୍ଷେତ୍ରରେ ମଙ୍ଗଳମୟ ସଂସ୍କାର ପାଇଁ ଗଢ଼ି ଉଠିଥିଲା ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ ଓ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର। ତାଙ୍କର ମୁଖ୍ୟ ବାଣୀ ଥିଲା - କେହି ଭଲ ହେଉ ବା ନ ହେଉ ନିଜକୁ ମୁଁ ଭଲ କରିବି ହିଁ। ଚଳିତ ମାସ ଅପ୍ରେଲ ଆଠରୁ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେଉଛି। ସମସ୍ତଙ୍କ ଭିତରେ ଭଲ ପାଇବାର ମହାମନ୍ତ୍ରକୁ ପ୍ରଚାର ଓ ପ୍ରସାର ପାଇଁ ଶୋଭନୀୟ ଚେତନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାର ଦାୟିତ୍ୱ କେବଳ ଶୋଭନୀୟ କର୍ମୀଙ୍କର ନୁହେଁ ବରଂ ଆମ ସମସ୍ତଙ୍କର। ସଂପ୍ରତି ମାନବୀୟ ମୂଲ୍ୟବୋଧ ସନ୍ଧିକ୍ଷଣରେ ପହଞ୍ଚିବା ବେଳେ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଚିନ୍ତା ଓ ଚେତନା ସମସ୍ତଙ୍କ ପାଇଁ ପ୍ରାର୍ଥନା ହେଉ। ବର୍ତ୍ତମାନର ସମାଜରେ ପ୍ରଗତି ଓ ନୈତିକତାର ଉନ୍ମୀଳନ ପାଇଁ ସଚେତନ ନାଗରିକ ହିସାବରେ ଏ ଗୁରୁ ଦାୟିତ୍ୱ ଆମ ସମସ୍ତଙ୍କର ଏକ ଶୋଭନୀୟ ସମାଜ ପ୍ରତିଷ୍ଠା ପାଇଁ ମାନବିକତା ବିବର୍ଜିତ ଜୀବନ ନୁହେଁ, ସ୍ନେହ ଶାନ୍ତିଭରା ପରିବାର ଓ ଶୋଭନୀୟ ଯୁଗଟିଏ ହିଁ ଚାହୁଁ। ଏହାହିଁ ହେବ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।



**-ଅରୁନ୍ଧତୀ ଦେବୀ**
*ନିର୍ଦ୍ଦେଶିକା - ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

## ସାହିତ୍ୟିକ ପ୍ରାଣକୃଷ୍ଣ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଖୋର୍ଦ୍ଧା (ପିଏନ୍): ପ୍ରଣମ୍ୟ ସାହିତ୍ୟିକ ତଥା ପ୍ରାଣନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ତଥା କୁମାରବସ୍ତ ପଲ୍ଲୀଶ୍ରୀ ସାହିତ୍ୟ ସଂସଦର ସଭାପତି ପ୍ରାଣକୃଷ୍ଣ ମିଶ୍ରଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଜେମାଦେଈ ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ନିରାଡ଼ମ୍ବର ସ୍ମୃତିସଭାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପ୍ରାଣକୃଷ୍ଣ ମିଶ୍ରଙ୍କ ଭାଷା, ସାହିତ୍ୟ ପ୍ରତି ଥିବା ଅଙ୍ଗୀକାରବଦ୍ଧତା ସଂପର୍କରେ ଆଲୋକପାତ କରିଥିଲେ। ବହି ହେଉଛି ଜୀବନର ବଡ଼ ବନ୍ଧୁ ବୋଲି ସେ ମତବ୍ୟକ୍ତ କରୁଥିଲେ। ଏଥିପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଧିକରୁ ଅଧିକ ବହି ପଢିବା ପାଇଁ ପରାମର୍ଶ ଦେଉଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଲକ୍ଷ୍ମୀଧର ପତି ଓ ଲଳିତ ମୋହନ ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ମିଶ୍ର କିଭଳି ପ୍ରଚଣ୍ଡ ପାଣ୍ଡିତ୍ୟର ଅଧିକାରୀ ହେବା ସହ ମାନବୀୟ ଗୁଣରେ ପରିପୂର୍ଣ୍ଣ ଥିଲେ ତାହା ବର୍ଣ୍ଣନା କରିଥିଲେ । ସ୍ୱର୍ଗତ ମିଶ୍ରଙ୍କ ଦୁଇ ପୁତ୍ର ତପନ କୁମାର ମିଶ୍ର ଓ ତୋଫାନ୍ କୁମାର ମିଶ୍ରଙ୍କ ଦ୍ୱାରା ସମ୍ପାଦିତ 'ପ୍ରାଣ ପ୍ରସୂନ' ପୁସ୍ତକକୁ ଲୋକାର୍ପିତ କରାଯାଇଥିଲା । କାର୍ଯ୍ୟକ୍ରମର ଆବାହକ ପ୍ରାଧ୍ୟାପକ ଡ଼. କୈଳାସ ଚନ୍ଦ୍ର ମହାରଣାଙ୍କ ପରିଚାଳନାରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ପାଠ କରାଯାଇଥିଲା । ସ୍ମୃତିସଭା ଆଲୋଚନାରେ ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଡ଼ି.ଏସ୍.ଓ.ର ଆବାହକ ଜୟନ୍ତ କୁମାର ମହାନ୍ତି, ଗଡ଼ମୋଟରୀର କବି ରୋହିତ୍ କୁମାର ଚମ୍ପତି, କୁମାରବସ୍ତର କବି ବିକ୍ରମ କେଶରୀ ମଙ୍ଗରାଜ, ଶରତ ଚନ୍ଦ୍ର ମହାପାତ୍ର, ଦିନେଶ ଶତପଥି, ନାରାୟଣ ମିଶ୍ର, ହାଡ଼ିବନ୍ଧୁ ଦାସ, ପ୍ରମୁଖ ସ୍ୱର୍ଗତଃ ମିଶ୍ରଙ୍କ ପ୍ରଜ୍ଞାଦୀପ୍ତ ପ୍ରତିଭା ଖୋର୍ଦ୍ଧା ସାହିତ୍ୟ ପରିବେଶକୁ ଉର୍ଜ୍ଜ୍ୱସ୍ୱଳ କରିଥିଲା ବୋଲି ମତ ଦେଇଥିଲେ । ପୁତ୍ର ତୋଫାନ୍ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଚିନ୍ତାମଣି ପାଣିଗ୍ରାହୀ ଥିଲେ ଉତ୍କଳର ସୁଯୋଗ୍ୟ ସନ୍ତାନ



ଭୁବନେଶ୍ୱର (ପିଏନ୍): ମହାନ୍ ସ୍ୱାଧୀନତା ସଂଗ୍ରାମୀ, ସମ୍ପାଦକ, ରାଜନୀତିଜ୍ଞ, ଆସାମର ପୂର୍ବତନ ରାଜ୍ୟପାଳ ତଥା ବହୁମୁଖୀ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ସ୍ୱର୍ଗତଃ ଚିନ୍ତାମଣି ପାଣିଗ୍ରାହୀଙ୍କ ୧୦୧ତମ ଜୟନ୍ତୀ ସ୍ଥାନୀୟ ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସ ମଣ୍ଡଳୀ କାର୍ଯ୍ୟାଳୟଠାରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନା ଓ ଭାଷାପ୍ରାଣ ସୀତାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତଃ ପାଣିଗ୍ରାହୀ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଲୋକପ୍ରିୟ ରାଜ୍ୟପାଳ ତଥା ଉତ୍କଳର ସୁଯୋଗ୍ୟ ସନ୍ତାନ ଭାବେ ତାଙ୍କର କାର୍ଯ୍ୟଧାରା ଚିରସ୍ମରଣୀୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ଅହରହ ଚେଷ୍ଟିତ ରହିବା ସହିତ ସାହିତ୍ୟିକ ଭାବେ ଗାନ୍ଧୀ କାହାଣୀ, ନୂତନ ପ୍ରବାହ, ଯୁଗ ସାହିତ୍ୟ ପ୍ରମୁଖ ଆଜି ବି ତାଙ୍କୁ ଚିରଅମର କରି ରଖିଛି। ସେ ପୁରୀ ଜିଲ୍ଲା ବିଶ୍ୱନାଥପୁରର ପ୍ରତିଭା ଭାବେ ଭୂମିଷ୍ଠ ହୋଇଥିଲେ। ସ୍ମୃତିଚାରଣ ସଭାରେ ପର୍ଶୁରାମ ଦ୍ୱିବେଦୀ, ପ୍ରଭାତ ନନ୍ଦ, ଆରତୀ କର, ରାମନାରାୟଣ ମିଶ୍ର, ବିବେକାନନ୍ଦ ପାଣିଗ୍ରାହୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ବିଶ୍ୱ ଅଟିଜିମ ସଚେତନତା ଦିବସ





**ପ୍ର**ତିବର୍ଷ ୨ ଏପ୍ରିଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଥାଏ। ଏହି ଦିନକୁ ଅନ୍ତର୍ଜାତୀୟସ୍ତରରେ ବିଶ୍ୱ ଅଟିଜିମ ସ୍ୱୀକୃତ ଦିବସ ଭାବେ ମାନ୍ୟତା ମିଳିଛି। ଯାହାଫଳରେ ସାରା ବିଶ୍ୱବାସୀ ଅଟିଷ୍ଟିକ୍ ଲୋକମାନଙ୍କୁ ଗ୍ରହଣ କରିବା ସହଜ ହେବ। ପ୍ରଥମେ ସଂଯୁକ୍ତରାଷ୍ଟ୍ର ସାଧାରଣ ପରିଷଦ ପକ୍ଷରୁ ଏହି ଦିବସ ପାଳନର ଯୋଜନା କରାଯାଇଥିଲା। ୧ ନଭେମ୍ବର, ୨୦୦୭ରେ ପରିଷଦର ୱାର୍ଲ୍ଡ ଅଟିଜିମ୍ ସ୍ୱୀକୃତ ଦିବସ ପ୍ରସ୍ତାବ ପାରିତ ହୋଇ ୧୮ ଡିସେମ୍ବର, ୨୦୦୭ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ପ୍ରଥମେ ସଂଯୁକ୍ତରାଷ୍ଟ୍ରର କାତାର ପ୍ରତିନିଧି ଦ୍ୱାରା ଦିଆଯାଇଥିଲା। ୨ ଏପ୍ରିଲ, ୨୦୦୮ରେ ପ୍ରଥମଥର ପାଇଁ ବିଶ୍ୱ ଅଟିଷ୍ଟିକ୍ ସ୍ୱୀକୃତ ଦିବସ ପାଳନ ପାଇଁ ସଂଯୁକ୍ତରାଷ୍ଟ୍ର ପକ୍ଷରୁ ବାଧ୍ୟତାମୂଳକ କରାଗଲା। ଅଟିଜିମ୍ ହେଉଛି ଏମିତି ଏକ ମାନସିକ ସ୍ଥିତି, ଯାହା ଜନ୍ମବେଳୁ ଆରମ୍ଭ ହୋଇଥାଏ। ଏହାଦ୍ୱାରା ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା, ସାମାଜିକ ସମ୍ପର୍କ, ସାଧାରଣ ବ୍ୟବହାର ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ।

**ଅଟିଜିମ୍:** ଲକ୍ଷଣ ଓ ଚିକିତ୍ସା ପ୍ରତିବର୍ଷ ଏପ୍ରିଲ ୨ ତାରିଖରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳନ କରାଯାଏ । ଆମ ଦେଶରେ ପ୍ରାୟ ୫୦ଲକ୍ଷ ପିଲା ଅଟିଜିମ୍ ରୋଗ ଦ୍ୱାରା ପ୍ରଭାବିତ। ଭାରତରେ ଅଟିଜିମ୍ ରୋଗର ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ସଚେତନତାର ଘୋର ଅଭାବ ରହିଛି । ଯାହା ଫଳରେ ଠିକ୍ ସମୟରେ ଏହି ରୋଗର ଲକ୍ଷଣକୁ ଚିହ୍ନି ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ପାରୁନାହିଁ। ମସ୍ତିଷ୍କର ବିକାଶରେ ପ୍ରତିରୋଧ ହୋଇଥିବା ଯୋଗୁଁ ଏ ପ୍ରକାର ରୋଗ ହୋଇଥାଏ। ଏପରି ରୋଗରେ ପିଲାଟି କାହା ସହିତ କଥା ହୁଏ ନାହିଁ। ଆଖିକୁ ଆଖି ସହିତ ମିଳାଏ ନାହିଁ। ଯଦି ତା'ର କିଛି ଜିନିଷ ଦରକାର ତା'ହେଲେ ସେ ପିଲାଟି ମା'ର ହାତକୁ ନେଇ ଜିନିଷଟି ଉପରେ ରଖିଦିଏ। ସେ ଅନ୍ୟ ପିଲାଙ୍କ ସହିତ ମିଶେ ନାହିଁ। ନିଜେ ଏକା ଏକା ବସି ଖେଳେ। ଗୋଟିଏ କଥାକୁ ବାର ମ୍ବାର କହେ ଓ ଗୋଟିଏ କାମକୁ ବାର ମ୍ବାର କରିଥାଏ। ସେ ନିଜେ ନିଜ ଦୁନିଆରେ ରହେ। ଏପରି ପିଲାକୁ ଅନ୍ୟପିଲାଙ୍କ ସହିତ ମିଶିବାକୁ, କଥାବାର୍ତ୍ତା କରିବାକୁ ପ୍ରବର୍ତ୍ତାଇବା ଉଚିତ। କେତେକ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଦେବା ଦରକାର। ଅଟିଜିମ୍ ରୋଗରେ ୧ ବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ତାଙ୍କ ନା ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ। ନିଜ ଆଖପାଖ ଲୋକଙ୍କ ସହିତ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରି ପାରନ୍ତି ନାହିଁ। ୧ ରୁ ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି । ସେମାନେ ଅନ୍ୟମାନଙ୍କ ଆଖିରେ ଆଖି ମିଳାଇ ପାରନ୍ତି ନାହିଁ। ଅଟିଜିମ୍ ରୋଗରେ ଆକ୍ରାନ୍ତ ପିଲାର ଭାଷାର ବିକାଶରେ ଅସୁବିଧା ହୋଇଥାଏ। ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କିମ୍ବା ଭାଷା ଅସ୍ୱଭାବିକ ହୋଇପାରେ। କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦର ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ। ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱଭାବିକତା ଦେଖାଯାଇଥାଏ। ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳଣା ସହିତ ଖେଳି ନଥାନ୍ତି। ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନି ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। ଏଥିନିମନ୍ତେ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି (ସେନସୋରୀ ଇଣ୍ଟିଗ୍ରେସନ୍ ଥେରାପି ସ୍ପିଚ୍ ଥେରାପି) ସହିତ କେତେକ ଔଷଧ ବ୍ୟବହାର କରାଯାଇଥାଏ। ପିଲାଟିକୁ ଓ ପିଲାଟିର ପରିବେଶକୁ ସବୁବେଳେ ପରିଷ୍କାର ରଖନ୍ତୁ। ମା'ମାନେ ନିଜ ହାତଗୋଡ଼ ପରିଷ୍କାର କରି ପିଲାଟିର କାମ କରନ୍ତୁ । ପିଲାଟିର ଜ୍ଞାନେନ୍ଦ୍ରିୟ ବିକାଶ ପାଇଁ ବିଭିନ୍ନ ରଙ୍ଗର ଖେଳନା ଓ ବିଭିନ୍ନ ବାସନା ଜିନିଷ ଦେବେ। ତାକୁ ଗୀତ ଶୁଣାଇବା, ଶିଖାଇବା, ଡ୍ୟାନ୍ସ୍ ଦେଖାଇବା ଓ ଶିଖାଇବା ଦରକାର। ପିଲାଟି ଭଲ କାମ କଲେ ତାକୁ ସମସ୍ତଙ୍କ ଆଗରେ ପୁରସ୍କାର ଦେବା ଓ ପ୍ରଶଂସା କରିବା ଉଚିତ। ଯଦି ଖରାପ କାମ କରେ ପୁରସ୍କାର ଦେବେନି ଓ ତା'ର ଦେହ ଓ ମନକୁ ବାଧିଲା ପରି ଦଣ୍ଡ ଦେବେନି। ଏହି ଚିକିତ୍ସା ପଦ୍ଧତି ଦ୍ୱାରା ପିଲାର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ । ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ। ପିଲାର ବ୍ୟବହାରିକ ସମସ୍ୟା ନିମନ୍ତେ କେତେକ ଔଷଧ ବ୍ୟବହାର କରାଯାଇଥାଏ। ଅଭିଭାବକମାନେ ଧୈର୍ଯ୍ୟର ସହିତ ପିଲାର ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଅନେକ ଉନ୍ନତି ଦେଖାଯାଇଥାଏ । ନୂତନ ଭିନ୍ନକ୍ଷମ ଆଇନ୍ ଅନୁସାରେ ଅଟିଜିମ୍ ରୋଗରେ ଆକ୍ରାନ୍ତ ପିଲାମାନଙ୍କୁ ଏବେ ଭିନ୍ନକ୍ଷମ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି । ଯାହା ଫଳରେ ସେମାନେ ଅନେକ ମାତ୍ରାରେ ଉପକୃତ ହୋଇପାରୁଛନ୍ତି।

**ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼୍, କଟକ, ମୋବାଇଲ: ୯୧୩୨୪୩୩୩୩୩

## ୮୬ ବର୍ଷରେ ଓଡ଼ିଶା: ଉତ୍କଳ ଦିବସରେ ସ୍ୱଚ୍ଛ ଓ ସବୁଜ ଓଡ଼ିଶା ସଂକଳ୍ପର ବାର୍ତ୍ତା




ଭୁବନେଶ୍ୱର (ପିଏନ୍): ଅପ୍ରେଲ୍ ପହିଲା, ଉତ୍କଳ ଦିବସ। ୮୬ ବର୍ଷ ତଳେ ଏହି ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ସବୁ ଓଡ଼ିଆଙ୍କ ପାଇଁ ଏହି ଦିନଟି ସ୍ମରଣୀୟ। କାରଣ ଆଜି ଆମେ ଆମର ପରିଚୟ ପାଇଥିଲୁ। ଏହାର ସୁରକ୍ଷା ଓ ପ୍ରଗତି ପାଇଁ ନିଜକୁ ନିୟୋଜିତ କରିବା ପ୍ରତିଟି ଓଡିଆର କର୍ତ୍ତବ୍ୟ ଓ ଦାୟିତ୍ୱ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରଙ୍ଗ ବେରଙ୍ଗ ମୁରୁଜକୁ ବ୍ୟବହାର କରି ଜନସଚେତନତା ଉଦ୍ଦେଶ୍ୟରେ ତିଆରିଛନ୍ତି ଏକ ସୁନ୍ଦର ସ୍ୱଚ୍ଛ ଓ ସବୁଜିମାମୟ ଓଡ଼ିଶାର ଚିତ୍ର। ଦେଇଛନ୍ତି ସ୍ୱଚ୍ଛତା ଓ ସବୁଜିମାର ବାର୍ତ୍ତା। ସ୍ୱଚ୍ଛ ଓ ସବୁଜିମାଭରା ଓଡ଼ିଶା ନିର୍ମାଣ ପାଇଁ ପ୍ରତିଟି ଓଡ଼ିଆ ଏହି ପୂଣ୍ୟ ଦିବସଟିରେ ସଂକଳ୍ପ ନେବା ପାଇଁ ଶ୍ରୀ ସାହୁ ନିବେଦନ କରିଛନ୍ତି। ସୁଶାନ୍ତ କୁହନ୍ତି ପ୍ରକୃତି ତାର ପ୍ରାକୃତିକ ସମ୍ପଦକୁ ପ୍ରଦାନ କରିବାରେ ଓଡ଼ିଶାକୁ ଅବହେଳା କରିନାହିଁ। ଏହାର ସୁରକ୍ଷା ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ଚିନ୍ତା ଓ ଚେତନାରେ ପରିବର୍ତ୍ତନ ଆସିବା ନିତାନ୍ତ ଜରୁରୀ। ତେବେ ଯାଇ ଆମେ ଏକ ସ୍ୱଚ୍ଛ ଓ ସବୁଜ ଓଡ଼ିଶାର ସୂର୍ଯ୍ୟୋଦୟକୁ ଦେଖିପାରିବା ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି।




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି। ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଂ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।



ଡାଲି ଜାତୀୟ ଫସଲ :
ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :
ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଂ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍‌ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**
ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍‌ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :
ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%



**ଆଜୋଲା :**
ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଂ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଂ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।



# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ



ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।

ପରିଚ଼ାଳନା:

● ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ।
କ୍ଷ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

● ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧ୍ୟାପକ,
ମିଟସ୍ , ରାୟଗଡ଼ା

# କୃଷି ପର୍ଯ୍ୟଟନ



ଅନିଲ କୁମାର ମିଶ୍ର

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଜ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ଯ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।
କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ଯ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି। ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ। ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ। ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ଯ ଓଡିଶା ବହୁତ ଆଗରେ।
କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ଯ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ ।
କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ। କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ଯ କିଣିବା ପାଇଁ ମଧ୍ଯ ଆଗ୍ରହ ପ୍ରକାଶ କରିବେ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ଯ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ।

❖ ଏହା ମଧ୍ଯ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ଯ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ଯ ସୃଷ୍ଟି କରିବ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ଯ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ। ସରକାର ମଧ୍ଯ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ।

କୃଷି ବିଶେଷଜ୍ଞ,ଭୁବନେଶ୍ୱର

# କ୍ଷାରଜଳ ଜାଲଘର ମାଛ

ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷୀପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।





କ୍ଷାରଜଳ ଜାଲଘର ମାଛଚାଷର **ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନବ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର, ମୋ -୯୧୭୮୪୦୬୫୭)




# ଦୁର୍ନୀତି, ହିଂସା ଓ ଧ୍ୱଂସ ମୁଖରୁ ସୁରକ୍ଷାର ମାର୍ଗ



**ଆ**ଜିର ସୂଚନାପ୍ରଯୁକ୍ତି ଯୁଗରେ ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି। ମହାଶୂନ୍ୟରେ ବିଚରଣ କରୁଛି। ସୁନିତା ଉଇଲିଅମ୍ସ୍ ପରି ମାସ ମାସ ଧରି ଅବସ୍ଥାନ ବି କରିପାରୁଛି। ଚନ୍ଦ୍ରରେ ତ କେବେଠୁ ପହଞ୍ଚି ସାରିଲାଣି। କିନ୍ତୁ ଘୋର ଦୁଃଖ ଓ ପରିତାପର ବିଷୟ ନିଜ ହୃଦୟ ପାଖରେ, ନିକଟତମ ଆତ୍ମୀୟର ହୃଦୟ ପାଖରେ ସେ ପହଞ୍ଚି ପାରୁନାହିଁ। ଘଣ୍ଟାକଣ୍ଟା, ମିନିଟ୍ ଦ୍ୱାରା ଅନ୍ତରୀକ୍ଷ ଯାନକୁ ନିୟନ୍ତ୍ରଣ କରୁଛି ସିନା, ନିଜ ମନକୁ ନିୟନ୍ତ୍ରଣ କରିପାରୁନାହିଁ। କ୍ରାନ୍ତିକାରୀ ବାହ୍ୟପ୍ରଗତି, ଏତେ ସୁଉଚ୍ଚ ହର୍ମ୍ୟମାଳା, ଏତେ ଆମୋଦପ୍ରମୋଦର ଚାକଚକ୍ୟ ଭରା ଆଧୁନିକ ସାମଗ୍ରୀ ସହ ବିଜ୍ଞାନର ସୁଦୂରପ୍ରସାରୀ ଜୟଯାତ୍ରା। କିନ୍ତୁ ମାନସିକ ଶାନ୍ତି ନାହିଁ, ନିର୍ମଳ ଆନନ୍ଦ ବି ନାହିଁ। ତ୍ୟାଗଭରା ସ୍ନେହମମତା ବି ନାହିଁ। ସର୍ବୋପରି ମାନବିକତା ବି ନାହିଁ। ସମାଜବାଦର ଏତେ ସ୍ଲୋଗାନ ଭିତରେ ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର, ବ୍ୟକ୍ତିବାଦୀ ହୋଇଯାଉଛି। ବିଭିନ୍ନ ବାଦର ପ୍ରତିଷ୍ଠା ପାଇଁ ଏତେ ଯୁକ୍ତି ଦ୍ୱନ୍ଦ୍ୱ ହେଉଛି ହେଲେ ସମାଜରୁ କ୍ରମଶଃ ମାନବବାଦ ଓ ମାନବିକତା ହଜି ହଜି ଯାଉଛି। ଯେକୌଣସି ମୁହୂର୍ତ୍ତରେ ଅତି ଅପ୍ରତ୍ୟାଶିତ ଭାବରେ ଘର ଭିତରେ କର୍ମକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ଆଖି ସାମ୍ନାରେ ମଣିଷ ମଣିଷକୁ ହତ୍ୟା କରୁଛି। ନୃଶଂସ ଭାବେ ରକ୍ତର ହୋଲି ଖେଳୁଛି। ଇଏ ହେଉଛି ସେଇ ଅମୃତସ୍ୟ ପୁତ୍ରାଃ। ଦ୍ୱିତୀୟତଃ, ଭଗବତ୍ ବିଶ୍ୱାସ ବି ରଖୁଛି, ସ୍ୱୀକାର ବି କରୁଛି ଭଗବାନ୍ ସର୍ବନିୟନ୍ତା, ସର୍ବାନ୍ତର୍ଯ୍ୟାମୀ ଓ ସବୁଠି ବିଦ୍ୟମାନ, ହେଲେ ଷଡ଼ରିପୁରେ ଜର୍ଜରିତ ସେଇ ତଥାକଥିତ ଅମୃତର ସନ୍ତାନଟି ଆଜି ନିଜର ସ୍ଥାନ କେଉଁଠି ରଖିଛି ? ଏ ଯୁଗର ସାର୍ଟିଫିକେଟଧାରୀ ଟଙ୍କାର ପାହାଡ଼ ଉପରେ ବିଚରଣ କରୁଥିବା ଆଧୁନିକ ମଣିଷଟି ନାହିଁ ନଥିବା ଭୟ ଓ ଆତଙ୍କ ଭିତରେ ସମୟ କାଟୁଛି। ଛତୁ ଫୁଟିଲା ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କେତେ ପ୍ରକାରର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଯୋଜନା ଭିତରେ ସତରେ କେତେ ଅସୁରକ୍ଷିତ ଆମର ମଣିଷ ଜୀବନ ଟିକକ। ଶିକ୍ଷା ଉପହାସ କରୁଛି। ସାମାନ୍ୟ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ଅଗଠିତ, ଅସଂଯମୀ ମନ ନୃଶଂସ ହତ୍ୟାକାଣ୍ଡ ଘଟାଉଛି। ସାମାନ୍ୟ କେତୋଟି ଟଙ୍କା ଆଉ ବୋତଲେ ମଦରେ ଜଣେ ଅପରିଚିତ ଲୋକ ବି ଜଣଙ୍କ ଜୀବନ ନେଇପାରୁଛି। ଯେଉଁଠି ଜଣଙ୍କୁ ଜୀବନ ଦେବାର କ୍ଷମତା ବି ନାହିଁ। ବହୁ ଆଡ଼ମ୍ବର ରୂପ ସୌନ୍ଦର୍ଯ୍ୟରେ ସଜ୍ଜିତ ଚରିତ୍ରମାନେ ଆଜି ଅଶ୍ଳୀଳ ଭାବେ ପ୍ରଦର୍ଶିତ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଅନ୍ତରରେ ଯେଉଁ ତୃଷ୍ଣା, ଅତୃପ୍ତି, ଅଶାନ୍ତି, ଜ୍ୱଳନ, ଛଳନା ଓ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି, ସେଥିପାଇଁ ଦାୟୀ କିଏ ? ଏପରି ଅବସ୍ଥା ହୋଇଛି, ଧନ, ସମ୍ମାନ, ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ଟିକିଏ ଶୁଦ୍ଧ ତ୍ୟାଗଭରା ସ୍ନେହ ଓ ମାନସିକ ଶାନ୍ତି ପାଇଁ ହାହାକାର କରୁଛି। ଆତ୍ମହତ୍ୟା ସଂଖ୍ୟା ବଢ଼ି ଚାଲିଛି। ନିର୍ଯ୍ୟାତନାର ଘଟଣା ତ ଅତି ମାମୁଲି। ଖାଦ୍ୟ, ଔଷଧ, ସ୍ନେହ, ମମତା, ଭଦ୍ରତା, ସବୁ ଯେପରି ଭେଜାଲ। ଯାନ୍ତ୍ରିକ ଓ କୃତ୍ରିମ ସଭ୍ୟତା ସହ ମଣିଷ ଯନ୍ତ୍ରପରି କାମ କରିଚାଲିଛି, କିନ୍ତୁ ବେଶୀ ହୃଦୟହୀନ, ବିଚାରଶୂନ୍ୟ, ମାନବିକତାଶୂନ୍ୟ ହୋଇପଡୁଛି। ପୁଣି ମଣିଷ ଯନ୍ତ୍ରଠାରୁ ବି ଅଧିକ ଭୟଙ୍କର ଓ କ୍ଷତିକାରୀ ହୋଇଉଠୁଛି। ତେବେ ପ୍ରଶ୍ନ ଉଠୁଛି, ଏ ସମାଜରେ ସୁପରିବର୍ତ୍ତନ କିପରି ହେବ ? ଲୋକମାନଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସର ପରିବର୍ତ୍ତନ ଓ ଉନ୍ନତି ଲୋଡ଼ା। ଏହା ସମ୍ଭବ ହୋଇପାରିବ ଶିକ୍ଷା, ସଂଗୀତ, କଳା, ଗଣମାଧ୍ୟମ କ୍ଷେତ୍ର ତଥା ଧର୍ମସଭା, ମାନବିକ ଚେତନା ଜାଗରଣ ସଭା ଓ ସର୍ବୋପରି ଜଣଙ୍କର ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା। ସମ୍ପ୍ରତି ଗବେଷକ, ବୁଦ୍ଧିଜୀବୀ ଓ ମନସ୍ତତ୍ତ୍ୱବିଦ୍ମାନେ ସ୍ୱୀକାର କରୁଛନ୍ତି ଯେ ସମାଜରେ ଏପରି କୁପ୍ରଭାବଶାଳୀ ଚରିତ୍ରର ପ୍ରଭାବ ହିଂସାପ୍ରତିହିଂସା, ପାଶବିକତା, ତ୍ରୁଟିପୂର୍ଣ୍ଣ, ଦୁର୍ନୀତି, କଳାବଜାର, ମଦ୍ୟପାନ ଦ୍ୱାରା ସମ୍ଭବ ହୋଇପାରୁଛି। ଏକ ଉନ୍ନତ ଶୋଭନୀୟ, ମଙ୍ଗଳମୟ, ଶାନ୍ତିମୟ ଭବିଷ୍ୟତ ଗଢ଼ିବା ପାଇଁ ମଣିଷ ସମାଜ ନିଜକୁ ପ୍ରଯତ୍ନ କରୁ। ପଶୁତ୍ୱର ପ୍ରବୃତ୍ତିକୁ ପରିହାର କରି ନିଜ ବିବେକର ଆହ୍ୱାନରେ ମଣିଷ ତା'ର ପ୍ରବୃତ୍ତିକୁ ସୁନିୟନ୍ତ୍ରିତ କରୁ। ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ। ପ୍ରବୃତ୍ତିର ସୁନିୟନ୍ତ୍ରଣ, ସୁପ୍ରୟୋଗ ଦ୍ୱାରା ହିଁ ମାନବ ଜୀବନର ସାର୍ଥକତା ନିହିତ, ସଂକୀର୍ଣ୍ଣତା, ସ୍ୱାର୍ଥପରତା, କ୍ଷମତାଲିପ୍ସା, ଛଳନା, ଭ୍ରାନ୍ତି ଓ ଅହଂକାରର ମୋହମାୟା ସେ ପରିହାର କରୁ। ପଞ୍ଚମାନବୀୟ ମୂଲ୍ୟବୋଧକୁ ନିଜ ଜୀବନର ବ୍ରତ ଭାବେ ପାଳନ କରି ମଣିଷ ସମାଜ ନିଜ ଜୀବନର ଦିବ୍ୟପଥରେ ଅଗ୍ରସର ହେଲେ ମଣିଷ ଜୀବନ ସାର୍ଥକ ହୁଅନ୍ତା।

**ଡଃ. ଅରୁନ୍ଧତୀ ଦେବୀ**
*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

## ୮୭ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ କୋଣାର୍କ ଥାନାର ଦୁଇ କର୍ମଚାରୀ ସମ୍ମାନିତ



କୋଣାର୍କ (ପିଏନ୍)-କୋଣାର୍କ ଥାନାର ଦୁଇଜଣ ପୋଲିସ କର୍ମଚାରୀ ନିଜର କ□ବ୍ୟନିଷ୍ଠ ସେବା ପାଇଁ ସମ୍ମାନିତ ହୋଇଛନ୍ତି। ଗତ ଅପ୍ରେଲ ୧ତାରିଖ ଉତ୍କଳ ଦିବସରେ ପୁରୀ ସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ୮୭ତମ ରାଜ୍ୟ ପୋଲିସର ପ୍ରତିଷ୍ଠ ଦିବସ ପାଳନ ଅବସରରେ ଜିଲ୍ଲା ଆରକ୍ଷୀ ନିରୀକ୍ଷକ କନୱର ବିଶାଲ ସିଂହ ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ଶ୍ରେଷ୍ଠ ପୋଲିସ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ। ସେହି ସମ୍ମାନିତ ପୋଲିସ କର୍ମଚାରୀଙ୍କ ମଧ୍ୟରୁ କୋଣାର୍କ ଥାନାରେ କାର୍ଯ୍ୟରତ ଏଏସଆଇ ନବକିଶୋର ବେହେରା ଓ ହାବିଲଦାର(ଅପରାଧ) ରାଜକିଶୋର ତ୍ରିପାଠୀଙ୍କୁ ପୁରୀ ଏସପି ଶ୍ରୀ ସିଂହ ଶ୍ରେଷ୍ଠ ପୋଲିସ କର୍ମଚାରୀ ଭାବେ ସମ୍ମାନୀତ କରିଛନ୍ତି। ଶ୍ରୀ ବେହେରା ଓ ଶ୍ରୀ ତ୍ରିପାଠୀ ପୋଲିସ ବିଭାଗରେ ଯୋଗଦାନ କରି ନିଜ କର୍ମମୟ ଜୀବନ ଆରମ୍ଭ କରିବା ପରଠାରୁ ଏଯାବତ କ□ବ୍ୟନିଷ୍ଠା ସେବା ପାଇଁ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ସହକର୍ମି ଓ ସାଧାରଣ ଲୋକଙ୍କ ପ୍ରିୟଭାଜନ ହୋଇ ପରିଛନ୍ତି। ଆମ କର୍ମମୟ ଜୀବନ ମଧ୍ୟରେ ପୋଲିସ ବିଭାଗର ଏହି ସମ୍ମାନ ଆମକୁ ଅଧିକ ପ୍ରେରଣା ଯୋଗାଇବ ବୋଲି ସମ୍ମାନୀତ ଦୁଇ ପ୍ରତିଭା ଶ୍ରୀ ବେହେରା ଓ ଶ୍ରୀ ତ୍ରିପାଠୀ କହିଛନ୍ତି। କୋଣାର୍କ ଥାନାର ଆମ ପୋଲି ସମିତି ପକ୍ଷରୁ ଏହି ଦୁଇ କର୍ମଚାରୀଙ୍କ ସଫଳତା ପାଇଁ ପ୍ରଶଂସା କରାଯାଇଛି। କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି ଏହି ଦୁଇ ସମ୍ମାନିତ କର୍ମଚାରୀ ଆମ ଥାନାକୁ ଜିଲ୍ଲାରେ ଗୌରାବାନିତ୍ୱ କରିଛନ୍ତି।

## ଷଣ୍ଢ ଆକ୍ରମଣରେ ମହିଳା ଗୁରୁତର

ଫୁଲନଖରା (ପଏନ୍)-ଏକ ମାରଣା ଷଣ୍ଢ ଆକ୍ରମଣରେ ସଦର ଥାନା ଅନ୍ତର୍ଗତ ଅରଡ଼ିଆପଦା ଡିହସାହିର କାମିନୀ ପରିଡ଼ା (୪୯) ଗୁରୁତର ଆହତ ହୋଇଛିଁ। ସେ ନିଜ ବାରି ପଛପଟକୁ ଯାଇଥିଲାବେଳେ ଉକ୍ତ ଷଣ୍ଢଟି ଅଚାନକ ତାଙ୍କୁ ଶିଙ୍ଘରେ ଟେକି କଚାଡ଼ି ଦେଇଥିଲା; କାମିନୀଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବହୁ କଷ୍ଟରେ ଗ୍ରାମବାସୀ ଷଣ୍ଢକୁ ବାନ୍ଧିବାରେ ସଫଳ ହୋଇଥିଲେ ମଧ୍ୟ ସେ ରାତିରେ ଦଉଡ଼ି ଛିଣ୍ଡାଇ ପଳାଇଥିଲା। ଏହା ଯୋଗୁଁ ମହୀଧରପଡ଼ା-ଶଙ୍ଖତ୍ରାସ ରାସ୍ତାରେ ଲୋକମାନେ ଯା'ଆସ କରିବାକୁ ଭୟ କରୁଥିଲାବେଳେ ଡିହସାହି ଓ ନାଥସାହିରେ ଆତଙ୍କ ଖେଳିଯାଇଛି।

# ଦୀର୍ଘାୟୁ ଭବ



**ଜା**ପାନ ଯେତେବେଳେ ୧୯୬୩ରେ ସେ ଦେଶରେ ଶତାୟୁମାନଙ୍କର ଗଣତି ଆରମ୍ଭ କଲା, ସେତେବେଳେ ସେଠାରେ ୧୫୩ ଜଣ ଶତାୟୁ ଥିଲେ ବୋଲି ଜଣାପଡ଼ିଥିଲା। ନିକଟରେ ଜାପାନ ସରକାର ପ୍ରକାଶ କରିଥିବା ସଦ୍ୟତମ ସୂଚନା ଅନୁସାରେ ସେ ଦେଶରେ ଶତାୟୁମାନଙ୍କ ସଂଖ୍ୟା ପହଞ୍ଚିଲାଣି ୪୭,୭୫୬ରେ। ଜାପାନର ଲୋକସଂଖ୍ୟା ପାଖାପାଖି ପ୍ରାୟ ୧୪ କୋଟି ହୋଇଥିବାବେଳେ ପୃଥିବୀର ସର୍ବାଧିକ ସଂଖ୍ୟକ ଶତାୟୁମାନଙ୍କୁ ସେଠାରେ ଦେଖିବାକୁ ମିଳିଥାଏ। ସେତିକି ନୁହେଁ ଜାପାନୀମାନଙ୍କର ହାରାହାରି ଆୟୁଷ ମଧ ପୃଥିବୀର ସର୍ବାଧିକ। ଅବଶ୍ୟ ଅନ୍ୟ ପକ୍ଷରେ ସେଠାରେ ଜନ୍ମ ହାର ବହୁତ ନୀଚା ହୋଇଥିବାରୁ ଜାପାନର ଲୋକସଂଖ୍ୟା ହ୍ରାସ ପାଇ ଚାଲିଛି ଏବଂ ସେଥିରେ ବୃଦ୍ଧ ବୃଦ୍ଧାଙ୍କ ଅନୁପାତ ବୃଦ୍ଧି ପାଇ ଚାଲିଛି। ଏହି ପୃଷ୍ଠଭୂମିରେ ଦେଖିଲେ ସେଇ ଜାପାନର ବୈଜ୍ଞାନିକମାନେ ହିଁ ପୃଥିବୀରେ ମନୁଷ୍ୟର ଆୟୁଷକୁ ଆହୁରି ଦୀର୍ଘ କରିବା ପାଇଁ କୌଶଳ ଉଦ୍ଭାବନ କରିବା ଯଥାର୍ଥ ମନେହୁଏ। ପ୍ରଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର'ରେ ଜାପାନର 'ରାଇକେନ୍ ସେଣ୍ଟର ଫର ଡେଭଲପମେଣ୍ଟ ବାୟୋଲୋଜି'ର ଗବେଷକମାନଙ୍କର ଏକ ସଦ୍ୟ ପ୍ରକାଶିତ ଗବେଷଣାଲବ୍ଧ ଫଳାଫଳ ଏହି ସମ୍ଭାବନାର ଦୃଢ଼ ସୂଚନା ଦେଉଛି। ଅଧିକାଂଶ ଏଭଳି ଗବେଷଣା ପରି ଜାପାନୀ ବୈଜ୍ଞାନିକମାନେ ମୂଷା ଉପରେ ସେମାନଙ୍କର ପରୀକ୍ଷା କରିଛନ୍ତି, ଯାହା ପରେ ମନୁଷ୍ୟ ଠାରେ ପ୍ରୟୋଗ କରାଯାଇପାରେ। ଉଭୟ ମନୁଷ୍ୟ ତଥା ଅନ୍ୟାନ୍ୟ ଜୀବମାନଙ୍କ ମସ୍ତିଷ୍କର ମୂଳରେ ଥିବା ପିଟୁଇଟାରି ଗ୍ରନ୍ଥିରୁ ଝରୁଥିବା ହର୍ମୋନ ସବୁ ସେମାନଙ୍କର ଶରୀରକୁ ଠିକ୍ ଭାବରେ କାର୍ଯ୍ୟ କରିବାରେ ସକ୍ଷମ କରିଥାଏ। ମୂଷାମାନଙ୍କ ଠାରୁ ସଂଗୃହୀତ ମୌଳିକ ଜୀବକୋଷ ବ୍ୟବହାର କରି ଉପରୋକ୍ତ ଗବେଷକମାନେ ଏକ କୃତ୍ରିମ ପିଟୁଇଟାରି ଗ୍ରନ୍ଥି ନିର୍ମାଣ କରିପାରିଛନ୍ତି। ଚମତ୍କାର କଥା ହେଲା ଯେତେବେଳେ କେତେକ ପିଟୁଇଟାଲି ଗ୍ରନ୍ଥି ଦୁର୍ବଳ ହୋଇ ଯାଇଥିବା ମୂଷାଙ୍କ ମସ୍ତିଷ୍କରେ ଏହି କୃତ୍ରିମ ଗ୍ରନ୍ଥିକୁ ଖଞ୍ଜି ଦିଆଗଲା ସେଥିରୁ ପୁଣି ସୁସ୍ଥ, ଶକ୍ତିଶାଳୀ ପିଟୁଇଟାରି ଗ୍ରନ୍ଥି ଭଳି ପୁରା ମାତ୍ରାରେ ହର୍ମୋନ ସବୁ କ୍ଷରଣ ହେବାକୁ ଲାଗିଲା। ଗବେଷକମାନେ କହୁଛନ୍ତି ଯେ ଆଉ ତିନିବର୍ଷ ମଧ୍ୟରେ ସେମାନେ ମନୁଷ୍ୟ ପାଇଁ କୃତ୍ରିମ ପିଟୁଇଟାରି ଗ୍ରନ୍ଥି ତିଆରି କରିବାରେ ସକ୍ଷମ ହେବେ। ଏହା ଯେଉଁ ସମ୍ଭାବନାର ଦ୍ୱାର ଖୋଲି ଦେଉଛି ତାହା କୌଣସି କାଳ୍ପନିକ ବିଜ୍ଞାନ କାହାଣୀର କଥାବସ୍ତୁ ଭଳି। କ୍ରମେ କୌଣସି ମନୁଷ୍ୟର ନିଜ ଶରୀରରୁ ସଂଗୃହିତ ଷ୍ଟେମ ସେଲକୁ ଆଧାର କରି ତାର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗର ଅରଖ ନୂଆ ସଂସ୍କରଣ ତିଆରି କରାଯାଇ ପାରିବ। ବୟସ ବଢ଼ିବା ସହିତ ଯେଉଁ ସବୁ ଅଙ୍ଗ ପ୍ରତ୍ୟଙ୍ଗ ଦୁର୍ବଳ ବା ଅକାମି ହୋଇଯିବ ତାହା ସ୍ଥାନରେ ଏକ କୃତ୍ରିମ ଅଂଶଗୁଡ଼ିକ ରୋପଣ କରି ଦିଆଯିବ। ଏହାଦ୍ୱାରା ଦୁର୍ବଳ ଅଙ୍ଗ ପ୍ରତ୍ୟଙ୍ଗ ଜନିତ ଅନେକ ମାରାତ୍ମକ ରୋଗକୁ ଦୂରେଇ ଦିଆଯାଇ ପାରିବ। ଜୀବନ ଲମ୍ବି ଯିବ, ମୃତ୍ୟୁ ଘୁଞ୍ଚି ଘୁଞ୍ଚି ଯିବ। ଜାପାନୀମାନଙ୍କର ଆୟୁଷ ଦୁଇଶହ ବର୍ଷ ଅତିକ୍ରମ କରିବ। ଅନ୍ୟ ଦେଶମାନଙ୍କରେ ଶତାୟୁମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିବ। ମନୁଷ୍ୟ ସର୍ବଦା ଦୀର୍ଘ ଜୀବନ କାମନା କରିଥାଏ। ଆଧୁନିକ ବିଜ୍ଞାନକୁ କାର୍ଯ୍ୟରେ ଲଗାଇ ସେ ଏହା ହାସଲ କରିବା ପାଇଁ ଅବିରତ ଉଦ୍ୟମ କରି ଚାଲିଛି। ବିଗତ ଶତାବ୍ଦୀର ଆରମ୍ଭ ସମୟରେ ପୃଥିବୀରେ ମନୁଷ୍ୟର ହାରାହାରି ଆୟୁଷ ପ୍ରାୟ ପଇଁତିରିଶ ବର୍ଷ ଥିବା ବେଳେ ଶତାବ୍ଦୀର ଶେଷ ବେଳକୁ ତାହା ପ୍ରାୟ ଦୁଇଗୁଣ ହୋଇ ସତୁରୀ ବର୍ଷରେ ପହଞ୍ଚିଥିଲା। ଏବେ ପୃଥିବୀର ଜନସଂଖ୍ୟା ଅନ୍ୟୁନ ୭୧୦ କୋଟି ଛୁଇଁବା ପଛରେ ଏହା ମଧ ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ଯେଉଁମାନେ ଜନ୍ମ ହେଉଛନ୍ତି ସେମାନେ ପୃଥିବୀପୃଷ୍ଠରେ ଅଧିକରୁ ଅଧିକ କାଳ ଆତଯାତ ହେଉଛନ୍ତି। ୧୯୬୦ରେ ପୃଥିବୀର ଜନସଂଖ୍ୟା ଥିଲା ୩୦୦ କୋଟି, ୧୯୯୯ରେ ଥିଲା ୬୦୦ କୋଟି ଏବଂ ଅନୁମାନ କରାଯାଉଛି ଯେ ୨୦୨୭ରେ ୮୦୦ କୋଟି ଏବଂ ୨୦୪୬ରେ ୯୦୦ କୋଟିରେ ପହଞ୍ଚିବ। ଯଦି ସେତେବେଳକୁ ଜାପାନୀ ଗବେଷକମାନେ ଆଶା କରୁଥିବା ଭଳି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବ୍ୟାପକ ରୂପେ ବ୍ୟବହୃତ ହେଉଥିବ ତାହେଲେ ପୃଥିବୀର ଜନସଂଖ୍ୟା ଏହି ଅନୁମାନ ଠାରୁ ମଧ ବହୁ ଅଧିକ ହେବ। ଅତି ଦୀର୍ଘ ଜୀବନ କାମନା କରୁଥିବା ମନୁଷ୍ୟର ସ୍ୱପ୍ନ ସାକାର ହେବାର ଏହି ବାସ୍ତବ ସମ୍ଭାବନା ବ୍ୟକ୍ତି ପାଇଁ ଏକ ଆଶୀର୍ବାଦ ହୋଇପାରେ, କାରଣ ଆୟୁଷ ଲମ୍ବା ହେବା ବହିତ ବାର୍ଦ୍ଧକ୍ୟ ମଧ ଘୁଞ୍ଚି ଘୁଞ୍ଚି ଯିବ ସ୍ୱାସ୍ଥ୍ୟ ମଧ ଅତୁଟ ରହିବ। କିନ୍ତୁ ଏହି ବର୍ଦ୍ଧିଷ୍ଣୁ ଦୀର୍ଘାୟୁ ଲୋକସଂଖ୍ୟାକୁ ଧାରଣ କରିବା ପାଇଁ ଧରିତ୍ରୀ ସକ୍ଷମ ହେବ ତ? ଏକ ହିସାବ ଅନୁସାରେ ଯଦି ପୃଥିବୀର ପ୍ରତ୍ୟେକ ଲୋକର ଜୀବନଧାରଣର ମାନ ଆମେରିକୀୟମାନଙ୍କର ହାରାହାରି ଜୀବନ ଧାରଣର ମାନ ସହ ସମାନ ହୁଏ ତେବେ ପୃଥିବୀର ବର୍ତ୍ତମାନ ଲୋକସଂଖ୍ୟାକୁ ସମ୍ଭାଳିବା ପାଇଁ ଯେତିକି ସମ୍ବଳ ଦରକାର ହେବ ପୃଥିବୀ ଗ୍ରହରେ ତାର ମାତ୍ର ଏକ ପଞ୍ଚମାଂଶ ସମ୍ବଳ ରହିଛି, ବା ଏହି ଆବଶ୍ୟକତା ପୂରଣ ପାଇଁ ୫ଟି ପୃଥିବୀ ଦରକାର ହେବ। ଗତ ସପ୍ତାହରେ ଆନ୍ତର୍ଜାତିକ ଶକ୍ତି ଏଜେନ୍ସି ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଆସନ୍ତା ୨୬ ବର୍ଷ ମଧ୍ୟରେ ପୃଥିବୀରେ କୋଇଲା ବ୍ୟବହାରରେ ୬୫ ପ୍ରତିଶତ ବୃଦ୍ଧି ଘଟିବ। ଅଙ୍ଗାର ନିର୍ଗମନରେ ଅନୁରୂପ ବୃଦ୍ଧି ଘଟି ଉତ୍ତପ୍ତୀକରଣ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟା ଏହାଦ୍ୱାରା ଅଧିକ ଜଟିଳ ହେବ। ହୁଏତ ଏ ସବୁ ସମସ୍ୟାର ସମାଧାନ ପାଇଁ ମନୁଷ୍ୟ ନୂଆ ଜୀବନଧାରଣକ୍ଷମ ଗ୍ରହମାନ ଖୋଜିବାରେ ଲାଗିବ ଓ ବିଜ୍ଞାନ ବଳରେ ଅନୁସନ୍ଧାନରେ ସଫଳ ହେବ। ତାହେଲେ ଅତି ଦୀର୍ଘ ଜୀବନ କିମ୍ବା ଅତି ବିଶାଳ ଜନସଂଖ୍ୟା ଆଉ ଏକ ସମସ୍ୟା ହୋଇ ଉଭା ହେବନାହିଁ। ନଚେତ୍ ବିଜ୍ଞାନର ଏହି ଆଶୀର୍ବାଦ ଅଭିଶାପରେ ପରିଣତ ହୋଇଯାଇପାରେ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

## ଦୃଷ୍ଟିହୀନ ମହିଳାଙ୍କୁ ଅସଦାଚରଣ ଓ ହତ୍ୟା ଧମକ, ଅଭିଯୁକ୍ତଙ୍କୁ ୫ବର୍ଷ ଜେଲଦଣ୍ଡ

କେନ୍ଦ୍ରାପଡ଼ା (ପିଏନ୍): ଜଣେ ଦୃଷ୍ଟିହୀନ ମହିଳାଙ୍କୁ ଅସଦାଚରଣ କରିବା ଓ ଆକ୍ରମଣ କରିବା ମାମଲାର ବିଚାର କରି କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟ ଅଭିଯୁକ୍ତ କାଳିଆ ମଳିକଙ୍କୁ ୫ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। କାରାଦଣ୍ଡ ସହ ଅଭିଯୁକ୍ତଙ୍କୁ ୫ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ମଧ ପ୍ରଦାନ କରାଯାଇଛି। ଜୋରିମାନା ଅନାଦେୟ ଅଭିଯୁକ୍ତକୁ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ନିକିରାଇ ଥାନା ଅନ୍ତର୍ଗତ ବେଣୀପୁର ଗ୍ରାମରେ ଜଣେ ଦୃଷ୍ଟିହୀନ ମହିଳାଙ୍କୁ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତିଗିରିଆ ଗ୍ରାମର କାଳିଆ ମଳିକ ତାଙ୍କ ଅସହାୟତାର ସୁଯୋଗ ନେଇ ତାଙ୍କ ସହ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ହେଲେ ମହିଳା ଜଣଙ୍କ ସାହସର ସହ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରିଥିଲେ। ଫଳରେ ମହିଳାଙ୍କ ପିତା ଘଟଣା ସମ୍ପର୍କରେ ନିକିରାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭି□କରି ପୋଲିସ ୬୩/୨୦୧୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ମାମଲାର ଅଭିଯୋଗ ଫର୍ଦ୍ଦ ପୋଲିସ ଫାଷ୍ଟଟ୍ରାକ କୋର୍ଟରେ ଦାଖଲ କରିବା ପରେ କୋର୍ଟରେ ସଂପୃକ୍ତ ମାମଲାର ବିଚାର ଚାଲିଥିଲା। କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟର ଆଡହକ ଅତିରିକ୍ତ ଜିଲ୍ଲାଜଜ ତ୍ରୀବିକ୍ରମ ଚିନାରା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

## କୋଣାର୍କ ଥାନା ପକ୍ଷରୁ 'ଆମ ପୁଲିସ' କାର୍ଯ୍ୟକ୍ରମ




କୋଣାର୍କ (ପିଏନ୍)-ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଉ□ମ ସମ୍ପର୍କ ସ୍ଥାପନ କରିବା ନିମନ୍ତେ କୋଣାର୍କ ଥାନା ପକ୍ଷରୁ 'ଆମ ପୁଲିସ' କାର୍ଯ୍ୟକ୍ରମ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ 'ଆମ ପୁଲିସ' କାର୍ଯ୍ୟକ୍ରମରେ, ଆମ ପୁଲିସର ସଂଯୋଜକ ରାମକୃଷ୍ଣ ମହାନ୍ତି, ରେଡିଓ ନମସ୍କାରର ଅଧ୍ୟକ୍ଷ, ଆଇନଜୀବୀ ତାପନ କୁମାର ପଟ୍ଟନାୟକ, ପ୍ରମୁଖ ମ□ାସିନ ହୋଇ ପୁଲିସ ଓ ସାଧାରଣ ଲୋକଙ୍କର କ□ବ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ମ□ ସମ୍ମୁଖରେ ଉପସ୍ଥିତ ଥିବା ଗଣମାଧ୍ୟମର ପ୍ରତିନିଧି, କୋଣାର୍କ ଥାନା ଅଧିନରେ ଥିବା ବିଭିନ୍ନ ପ□ାୟତର ସରପ□, ଲୋକପ୍ରତିନିଧି, ବ୍ୟବସାୟୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ସାମିଲ ହୋଇ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନେଇ ଆଲୋଚନାରେ ଭାଗ ନେଇଥିଲେ। କେଉଁ କାରଣ ପାଇଁ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରୁନାହିଁ ଏହାକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରୁନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଉଭୟ ସୁସ୍ଥ ମାନସିକତାରେ ସମନ୍ୱୟ ସ୍ଥାପନ କରି କାର୍ଯ୍ୟ କଲେ ଅପରାଧ ନିୟନ୍ତ୍ରଣ ହେବା ସହ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା। ଆମ ପୁଲିସର ଏହି କାର୍ଯ୍ୟକ୍ରମକୁ କୋଣାର୍କ ଥାନାର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ରେମୁଣା 'ସମ୍ବାଦ ସାହିତ୍ୟ ଘର' ପକ୍ଷରୁ ବିଶ୍ୱ ପଖାଳ ଦିବସ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ସତ୍ୟବାଦୀ ନଗର ପରିଷରରେ ଆନ୍ତର୍ଜାତୀୟ ପଖାଳ ଦିବସ ପାଳିତ ହୋଇଯାଇଛି। ସାହିତ୍ୟ ଘରର ସଭାପତି ଡ. ଭଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ସତ୍ୟରଞ୍ଜନ ଦାସ, ମୁଖ୍ୟବକ୍ତା କବି ନିରଞ୍ଜନ ସାହୁ, ସମ୍ମାନିତ ଅତିଥି କରୁଣାକର ଖଟୁଆ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା ଯୋଗ ଦେଇ ପଖାଳ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ସଭା ପ୍ରରମ୍ଭରେ କବି ସତ୍ୟଭାମା ମୁଦୁଲି 'ଆସ ଜୀବନଧନ, ମୋର ପଖାଳ କଂସା' ଗୀତ ଗାନ କରିଥିଲେ। ସଂପାଦକ ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ, ମାଡତୀ ମହାରଣା ଧନ୍ୟବାଦ ଦେଇଥିଲେ। ପଖାଳ ସଂପର୍କିତ ଏକ କବିତା ପାଠୋତ୍ସବ କବି ସାରଦାନନ୍ଦନ ପାଳିତ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାରଣା, ପ୍ରଭାକର ଦାସ, ଚନ୍ଦ୍ରଧର ଦାସ, ସାମ୍ବାଦିକ କଞ୍ଚମଣି ସ୍ୱାଇଁ ଓ ପ୍ରାପ୍ତି ପ୍ରିୟଦର୍ଶିନୀ ମୁଦୁଲି ପ୍ରମୁଖ କବିତା ପାଠ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ସମସ୍ତେ ପଖାଳ ସେବନ କରି ଉତ୍ସବର ମଜା ନେଇଥିଲେ।

## କୋଣାର୍କ ଏନଏସିର ନୂତନ ଅଧ୍ୟକ୍ଷାଙ୍କ ଯୋଗଦାନ

କୋଣାର୍କ (ପିଏନ୍)- କୋଣାର୍କ ଏନଏସିର ନବନିର୍ବାଚିତ ଅଧ୍ୟକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସୁଶ୍ରୀ ତ୍ରିପାଠୀ ନିଜ ସମର୍ଥକମାନଙ୍କ ସହ ଏନଏସିର କାର୍ଯ୍ୟାଳୟରେ ପହ□ବା ପରେ ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ଅଧ୍ୟକ୍ଷାଙ୍କ ପାଇଁ ଉଦ୍ଦିଷ୍ଟ କକ୍ଷକୁ ଯାଇ ଦାୟିତ୍ୱ ଗ୍ରହଣ କରିବା ସହ କାର୍ଯ୍ୟାଳୟର ସମସ୍ତ ବିଭାଗର ଗୃହକୁ ଯାଇ ତଦାରଖ କରିଥିଲେ। ସାମ୍ବାଦିକମାନଙ୍କ ପ୍ରଶ୍ନର ଉ□ରରେ ସେ ନିଜ ପ୍ରତିକ୍ରିୟା ରଖି ପ୍ରକାଶ କରି କହିଥିଲେ ସମସ୍ତଙ୍କ ସହଯୋଗରେ କୋଣାର୍କକୁ ଏକ ବିକଶିତ ସହରରେ ପରିଣତ କରିବା ମୋର ପ୍ରଥମ ଲକ୍ଷ୍ୟ। ଏତଦ୍‌ବ୍ୟତିତ କୋଣାର୍କର ବହୁବିଧ ସମସ୍ୟା ମଧ୍ୟରେ ଜମିଜମାର ସମାଧାନ, ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା, ଆବାସ ଯୋଜନା ମାଧ୍ୟମରେ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ଯୋଗାଇ ଦେବା, ସର୍ବୋପରି କୋଣାର୍କ ଏନଏସିର କୌଣସି ଜନସାଧାରଣ ଯେପରି ମୌଳିକ ସୁବିଧାରୁ ବ□ତ ନ ହେବେ, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଏହି ସମୟରେ ପୁରୀ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, କୋଣାର୍କ ଏନଏସି ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା, ୧୦ ନମ୍ବର ୱାର୍ଡର ବିଜେଡି ସଂଯୋଜକ ଈଶ୍ୱର ଚନ୍ଦ୍ର ଗୋଛାୟତ, ଯୁବନେତା ପ୍ରତାପ ଗୋଛାୟତ, ରମେଶ ଗୋଛାୟତ ପ୍ରମୁଖ ଉପସ୍ଥିତ ରହିଥିଲେ।

**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିତ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ମହିଳାଙ୍କୁ ହତ୍ୟା ଘଟଣାରେ ବାପ ପୁଅ ଗିରଫ; କଟୁରି ଜବତ

ଫୁଲନଖରା, (ପି.ଏନ): ସଦର ଥାନା ଅଂର୍ଗତ ଅରିଲୋ ଗ୍ରାମର ହେମଲତା ପାଣିଗ୍ରାହୀଙ୍କ ହତ୍ୟା ଘଟଣାରେ ପୁଲିସ ଦକ୍ଷିଣ ଉଷୁମାର ଚକ୍ରଧର ସାମଲ ଓ ତାଙ୍କ ପୁଅ ପ୍ରକାଶ ସାମଲକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ସେମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ କଟୁରୀ ଓ ପଥର ଜବତ ହୋଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ହେମଲତାଙ୍କ ପୁଅ ପ୍ରଭାସ ୬ମାସ ତଳେ ଚକ୍ରଧର ସାମଲଙ୍କ ଝିଅ ସୁମିତ୍ରାକୁ ଅପହରଣ କରିନେଇ ବିବାହ କରିବା ସହିତ ଅନ୍ୟତ୍ର ରହୁଥିଲା । ଏ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା । ଗତ ୨୬.୭.୨୦୨୧ ମଧ୍ୟାହ୍ନରେ ଚକ୍ରଧର, ପ୍ରକାଶ ଓ ଅନ୍ୟମାନେ ମିଳିତ ହୋଇ ହେମଲତାଙ୍କ ଘରେ ବଳପୂର୍ବକ ପ୍ରବେଶ କରି ଭଙ୍ଗାରୁଜା ଓ ମାରପିଟ କରିଥିଲେ । ଏହି ଘଟଣାରେ ପୁଲିସ ଚକ୍ରଧର ଓ ପ୍ରକାଶକୁ ଗିରଫ କରି ଜେଲ ହାଜତକୁ ପଠାଇଦେଇଥିଲା । ତେବେ ଏହି ଘଟଣାରେ ସେମାନେ ପ୍ରତିଶୋଧ ନେବାକୁ ସୁଯୋଗ ଅପେକ୍ଷାରେ ଥିଲେ । ଗତ ୪ତାରିଖ ବିଳମ୍ବିତ ରାତିରେ ଘରେ କେହି ନଥିବା ସମୟରେ ଚକ୍ରଧର ଓ ପ୍ରକାଶ ହେମଲତାଙ୍କୁ ବଳପୂର୍ବକ ଘରୁ ଟେକି ନେଇ ଅରିଲୋ ମେଳଣ ପଡ଼ିଆରେ ପଥର ଓ କଟୁରୀରେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ହେମଲତାଙ୍କ ସାନ ପୁଅ ବିକାଶ ଥାନାରେ ଏତଲା ଦେବାରୁ ପୁଲିସ ତଦଂ କରି ବାପ ପୁଅ ଚକ୍ରଧର ଓ ପ୍ରକାଶକୁ ଗିରଫ କରିବାରେ ସଫଳ ହୋଇଥିଲା । ସେମାନେ ହେମଲତାଙ୍କୁ ହତ୍ୟା କରିଥିବା ପୁଲିସ ଆଗରେ ମାନିଥିଲେ । ଉଭୟଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଆଇଆଇସି ସୁଧାଂଶୁଭୂଷଣ ଜେନା କହିଛଁ ।

# ଭୁବନେଶ୍ୱରକୁ ଶିଶୁ ମିତ୍ର ସହର କରାଯିବ

ଭୁବନେଶ୍ୱର, (ପି.ଏନ): ଶିଶୁମାନଙ୍କର ଶିକ୍ଷାକୁ ଆଗେଇ ନେବା ଓ ଅଧାରୁ ପାଠ ଛାଡୁଥିବା ଶିଶୁ ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଆକ୍ସନ ଏଡ୍ ଓ ସିସିଡବ୍ଲୁଡିର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଈଶାନେଶ୍ୱର ବସ୍ତିଠାରେ ଶିଶୁ ପଠନ କେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବରେ ଯୋଗଦେଇ ନବ ନିର୍ବାଚିତ ଭୁବନେଶ୍ୱରର ମେୟର ସୁଲୋଚନା ଦାସ କହିଲେ ଯେ ଭୁବନେଶ୍ୱରକୁ ଶିଶୁମିତ୍ର ସହର କରାଯିବ ଏଥି ନିମନ୍ତେ ସମସ୍ତଙ୍କର ସହଯୋଗ ଏକାନ୍ତ କାମ୍ୟ । ସମ୍ମାନୀତ ଅତିଥିଭାବରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସଂଧାବତୀ ପ୍ରଧାନ କହିଲେ ଯେ, ଶିଶୁ ମାନଙ୍କ ପାଇଁ ଶିଶୁ ଅନୁକୁଳ ବାତାବରଣ ସୃଷ୍ଟି କରିବା ଓ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଜରୁରୀ । ଏଥି ନିମନ୍ତେ ପିତାମାତା ମାନଙ୍କର ଗୁରୁ ଦାୟିତ୍ୱ ରହିଛି । ଅନ୍ୟତମ ଅତିଥି ଭାବରେ ଓ୍ୱାର୍ଡ ନଂ-୧୪ର ନବନିର୍ବାଚିତ କର୍ପୋରେଟର ମୋନାଲିସା ସାହୁ, ଆକ୍ସନ ଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ, ଆକ୍ସନଏଡ୍‌ର ବି.ଏନ୍.ଦୁର୍ଗା, ସ୍ୱାତୀ ତନୟା ମିଶ୍ର, ଈଶାନେଶ୍ୱର ବସ୍ତିର ସଭାପତି ରାଜେଶ କୁମାର ବେହେରା ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ଆକ୍ସନଏଡ୍‌ର କାର୍ଯ୍ୟକ୍ରମ ପ୍ରବନ୍ଧକ ଘାସିରାମ ପଣ୍ଡା ପରିଚାଳନା କରିଥିବା ବେଳେ ଆକ୍ସନଏଡ୍‌ର ଶୁଭେନ୍ଦୁ କୁମାର ରାୟ ଶିଶୁ ପଠନ କେନ୍ଦ୍ରର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ ।

# ନିରୁଦ୍ଦିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଦିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

# ଫରୱାର୍ଡ଼ ବ୍ଲକ୍ ଜାତୀୟ ପରିଷଦ ବୈଠକ ସ୍ମାରକୀ ଜର୍ସୀ ଉନ୍ମୋଚିତ

ଭୁବନେଶ୍ୱର, (ପି.ଏନ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍'ର ଜାତୀୟ ପରିଷଦ ବୈଠକ ଆସନ୍ତା ଅପ୍ରେଲ୍ ୮ ଓ ୯, ୨୦୨୨ରିଖ ଦୁଇଦିନ ଧରି ଭୁବନେଶ୍ୱର ଲୋହିଆ ଏକାଡ଼େମୀ ଠାରେ ଅନୁଷ୍ଠିତ ହେବ । ଏହି ଅବସରରେ ଆଜି ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ରାଜ୍ୟ କାର୍ଯ୍ୟାଳୟ ନେତାଜୀ ଭବନ ପରିସରରେ ଏକ ସ୍ମାରକୀ ଜର୍ସୀ ଉନ୍ମୋଚନ ହୋଇଯାଇଛି । ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ଅନ୍ୟତମ ଜାତୀୟ ସାଧାରଣ ସଂପାଦକ ଜି. ଦେବରାଜନ୍ , ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର ଏହି ସ୍ମାରକୀ ଜର୍ସୀକୁ ଉନ୍ମୋଚନ କରିଛନ୍ତି । ଆସନ୍ତା ଅପ୍ରେଲ୍ ୮ ଓ ୯, ୨୦୨୨ରିଖ ଦୁଇଦିନିଆ ଜାତୀୟ ପରିଷଦ ବୈଠକ ପାଇଁ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ସର୍ବଭାରତୀୟ ସାଧାରଣ ସଂପାଦକ ଦେବବ୍ରତ ବିଶ୍ୱାସ, ଜାତୀୟ ଉପାଧ୍ୟକ୍ଷ ପି.ଭି. କାଦିରମଣ, ସଂପାଦକ ମଣ୍ଡଳୀ ସଭ୍ୟ ନରେନ୍ ଚାଟାର୍ଜୀ, ବଣ୍ଡା ସୁରେନ୍ଦ୍ର ରେଡ୍ଡୀ, ଗୋବିନ୍ଦ ରାୟ ଓ ସୁନ୍ଦର ରାମାରାଜୁ ପ୍ରମୁଖ ଆସନ୍ତା କାଲି ଭୁବନେଶ୍ୱରରେ ପହଂଚିବାର କାର୍ଯ୍ୟକ୍ରମ ରହିଛି । ଏହି ଦୁଇଦିନିଆ ଜାତୀୟ ପରିଷଦ ବୈଠକରେ ସାରା ଭାରତବର୍ଷର ୨୩ଟି ରାଜ୍ୟରୁ ୨୦୦ରୁ ଉର୍ଦ୍ଧ୍ୱ ଜାତୀୟ ପରିଷଦ ସଭ୍ୟ ଓ ବିଭିନ୍ନ ରାଜ୍ୟର ଫରୱାର୍ଡ଼ ବ୍ଲକ୍‌ର ନେତୃତ୍ୱ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର ପ୍ରକାଶ କରିଛନ୍ତି ।

# ଉରାଳୀରେ ନୂତନ ମନ୍ଦିର ଉଦଘାଟିତ

ଫୁଲନଖରା, (ପି.ଏନ): ସଦର ଥାନା ଉରାଳୀସ୍ଥିତ ବାମନକ୍ଷେତ୍ରରେ ଦଧିବାମନ ଜୀଉଙ୍କ ନୂତନ ମନ୍ଦିର ଉଦଘାଟିତ ହୋଇଛି । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ କର କମଳରେ ଏହି ଭବ୍ୟ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ରାଜ୍ୟପାଳଙ୍କ ସମେତ ଅନୁଷ୍ଠାନର ଟ୍ରଷ୍ଟି ଚକ୍ରଧର ମହାରଣା ଓ ପଣ୍ଡିତ ହରେକୃଷ୍ଣ ଶତପଥି ଯୋଗଦେଇଥିଲେ । ମନ୍ଦିର ପ୍ରତିଷ୍ଠା ପାଇଁ ଆଜି ଦିନ ତମାମ ବାମନକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଥିଲା । ରାଜ୍ୟପାଳ ଆଳତି କରିବା ସମୟରେ ଘଣ୍ଟ, ଶଙ୍ଖ, ହରିବୋଲ ଓ ହୁଳହୁଳିରେ ଯଜ୍ଞସ୍ଥଳ ପ୍ରକମ୍ପିତ ହୋଇଥିଲା ।

# ଖାସବାହାଲ ସରପଂଚଙ୍କ କରୋନା ସଚେତନତା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତରେ କରୋନା ସଚେତନତା ଅଭିଯାନ ଜାରି ରହିଛି । ସରପଂଚ ଯମୁନା ବାଗଙ୍କ ନେତୃତ୍ୱରେ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଜନ ପ୍ରତିନିଧି, ଏଏନଏମ, ସିଏଲଏଫ କର୍ମକର୍ତା ସମେତ ଗ୍ରାମର ମାଁ ମାନେ ସାମିଲ ରହି ଘରକୁ ଘର ବୁଲି ସଚେତନତା ସୃଷ୍ଟି କରୁଛନ୍ତି । ଦେଶରେ କରୋନା ମହାମାରୀ ରୂପ ଧାରଣ କରି ଗ୍ରାସ କରି ଆସୁଥିବା ବେଳେ କିଛିକାଂଶରେ ଲୋକଙ୍କ ଖାମଖିଆଲି ମନୋଭାବ ଦୂରେଇ ଯାଇନାହିଁ । ତେଣୁ ଘର ଘର ବୁଲି ନାମ ତାଲିକା ପ୍ରସ୍ତୁତ କରି ଆସନ୍ତା ଦିନରେ ସଂଖ୍ୟାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ସଚେତନତା ଅଭିଯୋନରେ ସମାଜସେବୀ ପ୍ରେମଲାଲ ବାଗ ସକ୍ରୀୟ ଅଂଶ ଗ୍ରହଣ କରିଥିବା ବେଳେ ଆଶାଦିଦି ସୌଦାମିନୀ ହଂସ, କୁମାରୀ ଶବର, ଡାଳିମ୍ବ ବାଗ, ଅଙ୍ଗନୱାଡି କର୍ମୀ କୁନ୍ତଳା ଶବର, କମଳିନୀ ପଟେଲ, ଜିପିଏଲଏଫ ସଭାନେତ୍ରୀ ପ୍ରମିଳା ଶବର, ୱାର୍ଡସଭ୍ୟା ରକ୍ମଣୀ ଟାହାଣୀ, ସାବେତ୍ରୀ ଶବରଙ୍କ ସମେତ ଅନ୍ୟାନ୍ୟ ମହିଳା ସାମିଲ ଅଛନ୍ତି ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଯନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉପ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି । ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ପର୍ଯ୍ୟବେକ୍ଷକ
PARYABEKHYAK







# ରୁକୁଣା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୭।୪(ପି.ଏନ): ଆସନ୍ତା ୯ ତାରିଖ (ଶନିବାର) ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ସ୍ଥାନୀୟ ମା' କଲ୍ୟାଣ ମଣ୍ଡପରେ ପୁଲିସ କମିଶନରଙ୍କ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଯାତ୍ରାର ସୁରକ୍ଷା ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ରଥ ପ୍ରତିଷ୍ଠା ଦିନ ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଓ ଆଇନ ଶୃଙ୍ଖଳା ସଂପର୍କରେ ଆଲୋଚନା ହୋଇଥିଲା।ରଥ ପ୍ରତିଷ୍ଠା ଦିନ ଅର୍ଥାତ ୮ତାରିଖରୁ ପୁଲିସ ରଥକୁ ସୁରକ୍ଷା ଯୋଗାଇବ। ମହାପ୍ରଭୁ ମନ୍ଦିରକୁ ପ୍ରବେଶ ପର୍ଯ୍ୟନ୍ତ ସ୍ୱର୍ଣ୍ଣାଦ୍ରି ବିଜେ ପର୍ଯ୍ୟନ୍ତ ପୁଲିସ ରଥ ଯାତ୍ରାରେ ଅଧିକ ସୁରକ୍ଷା ବ୍ୟବସ୍ଥା କରିବ। ରଥ ପ୍ରତିଷ୍ଠା ଦିନ କେଦାରଗୌରୀ ମରିଚି କୁଣ୍ଡଠାରେ, ମହାଖଳାରେ ରାମେଶ୍ୱର ମନ୍ଦିରଠାରେ ପୁଲିସ ଫୋର୍ସ ରହି ଯାତ୍ରାରେ ଆଇନ ଶୃଙ୍ଖଳା ଉପରେ ନଜର ରଖାଯିବ ବୋଲି କୁହାଯାଇଛି। ଯାତ୍ରା ଦିନ ରାମେଶ୍ୱର ଛକ, ଇଲେକ୍ଟ୍ରି ଅଫିସ ଛକ, କେଦାରଗୌରୀ ଛକ, ବଡ଼େଇବାଙ୍କ ଛକଠାରୁ ରାସ୍ତା ସିଲ୍ କରାଯିବ ବୋଲି କୁହାଯାଇଛି। ସେହିପରି ଯାତ୍ରାରେ ସାଦା ପୋଷାକଧାରୀ, ମହିଳା ପୁଲିସ ରହିବା ସହ ସର୍ବଦା ପିସିଆର ଭ୍ୟାନ୍ ରଥ ପାଖରେ ଓ ମନ୍ଦିର ପାଖରେ ରହିବ। ରଥକୁ ଗୋଟିଏ ଦିନରେ ମାଉସୀ ମା' ମନ୍ଦିରକୁ ଆଣିବା ପାଇଁ ଉଦ୍ୟମ କରାଯିବ। ସେହିପରି ରଥ ଉପରେ ଓ ରଥ ପାଖରେ ଅଧିକ ଲୋକ ରହୁଥିବାରୁ ସ୍ୱତନ୍ତ୍ର ନଜର ରଖାଯିବ। ରଥ ଉପରେ କମ୍ ସେବାୟତ ରହିବା ପାଇଁ ନିଯୋଗ ପ୍ରତିନିଧିଙ୍କୁ ଅନୁରୋଧ କରାଯାଇଛି। ରଥ କର୍ଡନ୍ ଭିତରକୁ ଯେପରି ଅଧିକ ଲୋକ ନଆସନ୍ତି ସେଥିପାଇଁ ମଧ୍ୟ ଧ୍ୟାନ ଦିଆଯିବ। ତେବେ ରଥ ପାଖରେ ମହାରଣା ସେବାୟତ ଓ କରଡ଼ା ସେବାୟତ ଓ ମନ୍ଦିର କର୍ମଚାରୀଙ୍କୁ କମିସନରେଟ୍ ପୁଲିସ ପକ୍ଷରୁ ଚିହ୍ନଟ କରାଯିବ। ଏହି ବୈଠକରେ ବିଧାୟକ ସୁରେଶ କୁମାର ରାଉତରାୟ, ଡିସିପି ଉମାଶଙ୍କର ଦାଶ, ଟ୍ରାଫିକ୍ ଡିସିପି କେକେ ପାଣିଗ୍ରାହୀ, ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡା, କର୍ପୋରେଟର ବିରଂଚି ନାରାୟଣ ମହାସୁପକାର, ନୃପେଶ ନାୟକ, ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲିଆ, କମଳାକାନ୍ତ ବଡୁ, ସରୋଜ ମିଶ୍ର, ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ରଙ୍କ ସମେତ ସମସ୍ତ ଅତିରିକ୍ତ ଡିସିପି, ଏସିପି, ଥାନା ଅଧିକାରୀ ଉପସ୍ଥିତ ଥିଲେ।ଅପରପକ୍ଷରେ ରୁକୁଣା ରଥଯାତ୍ରା ପାଇଁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ୯ ତାରିଖ ପ୍ରଭୂ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ଏବଂ ୧୩ ତାରିଖ ବାହୁଡା ଯାତ୍ରା ଦିନ ଏହି କଟକଣା ଲାଗୁ ରହିବ। ଉକ୍ତ ୨ ଦିନ କୌଣସି ଗାଡି ମାଉସୀ ମା ଛକ ଠାରୁ ରଥ ରୋଡ୍ ଯାଇପାରିବ ନାହିଁ। ସବୁ ଗାଡି ମାଉସୀମା ଛକ ଠାରୁ ମ୍ୟୁଜିୟମ୍ ଛକ ଆଡକୁ କିମ୍ବା ବିବେକାନ୍ଦ ମାର୍ଗ ରାସ୍ତାରେ ଯିବା ଆସିବା କରିପାରିବେ। ରଥ ରୋଡ୍ ରେ ବାରିକ ସାହି ଗଳି , ମହାରଣା ସାହି ଗଳି, ଗୋସାଗରେଶ୍ୱର ଛକ ଗଳି ଶୀତଳଷଷ୍ଠୀ ଛକ ଗଳି , ତିନିମୁଣ୍ଡିଆ ଛକ ଗଳି , ହରଚଣ୍ଡୀ ଗଳି , ମୁନା ମେଡିକାଲ ଗଳି, ପୁନମା ଗେଟ୍ ଗଳି ପଟୁ ଏବଂ ଅନ୍ୟ ସାହି ରାସ୍ତା ରୁ କୌଣସି ଗାଡି ରଥ ରୋଡ୍ ରେ ଯିବା ଆସିବା କରିପାରିବେନାହିଁ। ସେହିପରି ରଥ ଖଳା ଠାରୁ ରଥ ରୋଡ୍ ରେ କୌଣସି ଗାଡିକୁ ଯିବାକୁ ଦିଆଯିବ ନାହିଁ। ସେଗୁଡିକ ମହାଦେବ ମନ୍ଦିର ପଟୁ ବିଏମସି ମାର୍କେଟ୍ କମ୍ପ୍ଲେକ୍ସ କିମ୍ବା ବିନ୍ଦୁସାଗର ରାସ୍ତା ଦେଇ ଯାଇପାରିବେ। ଏହି ନିୟମ ଖିଲାପ କଲେ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ।

## ଚିକିତ୍ସାଧୀନ ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଯିବା ଦୁଃଖଦାୟକ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୭।୪(ପି.ଏନ): ବାଲେଶ୍ୱର ଜିଲ୍ଲା ନୀଳଗିରିରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଲୋକନାଥ ଦଳେଇଙ୍କ ପ୍ରତି ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ସହିତ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୋଡ଼ରେ ବେଡ଼ି ପକାଇବା ଦୁଃଖଦାୟକ ଓ ଗଭୀର ଚିନ୍ତାଜନକ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଓଡ଼ିଶାରେ ବିଗତ କିଛି ଦିନ ମଧ୍ୟରେ ମାଲକାନଗିରିରେ ସାମ୍ବାଦିକ ମାନଙ୍କୁ ପୋଲିସର ଦୁର୍ବ୍ୟବହାର କିମ୍ବା ନିର୍ବାଚନ ସମୟରେ ଯାଜପୁର, ପିପିଲି ତଥା ଅନେକ ସ୍ଥାନରେ ସାମ୍ବାଦିକ ମାନଙ୍କ ଉପରେ ବାରମ୍ବାର ଆକ୍ରମଣ ଘଟଣା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ । ଗଣତନ୍ତ୍ରରେ ଭିନ୍ନ ମତକୁ ସମ୍ମାନ ଦେବାକୁ ପଡ଼େ । କିନ୍ତୁ ଏକ ପେଶାଦାର ଅପରାଧୀ ଭଳି ଜଣେ ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଯିବା ସୁସ୍ଥ ସମାଜରେ ଆଦୌ ଗ୍ରହଣୀୟ ନୁହେଁ । ପୋଲିସ ପ୍ରଶାସନ ଉପରେ ସାଧାରଣ ଲୋକଙ୍କର ଭରସା ରହିଥାଏ ।

## ଯଜ୍ୱା ହାସିମ୍ ଅବଦୁଲ୍ଲା ଟ୍ରଷ୍ଟ ବିଶ୍ୱବାସୀଙ୍କୁ ଜଣାଇଛି ରମ୍ଜାନ୍ ମୁବାରକ



ଭୁବନେଶ୍ୱର,୭।୪(ପି.ଏନ): ଯଜ୍ୱା ହାସିମ୍ ଅବଦୁଲ୍ଲା ଟ୍ରଷ୍ଟର ଅଧ୍ୟକ୍ଷ ସଫଦର୍ ହାସିମ୍ ଏହି ପବିତ୍ରମାସ ରମଜାନ୍ ପାଳନ ଅବସରରେ ଆଲ୍ଲାଙ୍କ ନିକଟରେ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରି ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ପୃଥିବୀରେ ସୁଖ, ଶାନ୍ତି ଓ ସମୃଦ୍ଧି ବିରାଜମାନ କରୁ ବୋଲି ଆଲ୍ଲାଙ୍କ ପାଖରେ ପ୍ରାର୍ଥନା କରିଛନ୍ତି । ଆଲ୍ଲା ହେଉଛନ୍ତି ସର୍ବଶକ୍ତିମାନ। ସେ ପୃଥିବୀର ପ୍ରତ୍ୟେକ ଦ୍ରବ୍ୟଙ୍କୁ ସୃଷ୍ଟି କରିଛନ୍ତି। ତେଣୁ ଆମେ ସମସ୍ତେ ଏହି ପବିତ୍ର ମାସକୁ ଭକ୍ତି ଓ ଶ୍ରଦ୍ଧାର ସହ ଉପବାସ ରହି ପାଳନ କରିବା ଓ ଆଲ୍ଲାଙ୍କ ସାନ୍ନିଧ ଲାଭ କରିବା । ପୃଥିବୀର କୋଣ ଅନୁକୋଣରେ ବସବାସ କରୁଥିବା ଲୋକମାନଙ୍କର ଦୁଃଖ କଷ୍ଟ ଦୂର କରନ୍ତୁ ବୋଲି ସେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ଓ କହିଛନ୍ତି ମୋର ବିଶ୍ୱାସ ଆମର ଶ୍ରଦ୍ଧା ଓ ଭକ୍ତି ଏବଂ ଉପବାସକୁ ଆଲ୍ଲା ନିଶ୍ଚୟ ଗ୍ରହଣ କରିବେ ଓ ଆମେ ଏହାର ଭଲ ଫଳ ନିଶ୍ଚୟ ପାଇବା । ଶେଷରେ ସେ ବିଶ୍ୱବାସୀଙ୍କୁ ରମଜାନ୍ ମୁବାରକ ଜଣାଇଛନ୍ତି ।

# ଯୁଗଳ ଯୋଶୀ ପୂର୍ବତଟ ରେଳପଥ ରେଳବାଇ ସୁରକ୍ଷା ବଳର ନୂତନ ପ୍ରମୁଖ ନିରାପତା ଆୟୁକ୍ତ

ଭୁବନେଶ୍ୱର, ୭।୪(ପି.ଏନ): ପୂର୍ବତଟ ରେଳପଥର ରେଳବାଇ ସୁରକ୍ଷା ବଳ ନୂତନ ପ୍ରମୁଖ ନିରାପତା ଆୟୁକ୍ତ ଭାବେ ଯୁଗଳ କିଶୋର ଯୋଶୀ ଯୋଗଦାନ କରିଛନ୍ତି । ସେ ୧୯୯୭ ମସିହା ଭାରତୀୟ ରେଳବାଇ ସୁରକ୍ଷା ବଳ ସେବା ଅଧିକାରୀ ଅଟନ୍ତି । ଏହା ପୂର୍ବରୁ ଶ୍ରୀ ଯୋଶୀ ଜଳ ଶକ୍ତି ମନ୍ତ୍ରଣାଳୟର ସ୍ୱଚ୍ଛ ଭାରତ ମିଶନ ଏବଂ ଜଳ ଜୀବନ ମିଶନ କାର୍ଯ୍ୟକ୍ରମ ମାନଙ୍କରେ ନିର୍ଦ୍ଦେଶକ ଭାବେ ୨୦୧୬ ମସିହା ଠାରୁ ୧୦୨୨ ମସିହା ପର୍ଯ୍ୟନ୍ତ ଡେପୁଟେସନରେ ଥାଇ କାର୍ଯ୍ୟ ତୁଲାଉଥିଲେ । ସେ ମଧ୍ୟ ବିଭିନ୍ନ ରେଳପଥରେ ଭିନ୍ନ ଭିନ୍ନ ପଦପଦବୀରେ ଥାଇ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ସହିତ ସୁରକ୍ଷା ସମ୍ବନ୍ଧୀୟ ଅପରାଧ ଅନ୍ୱେଷଣ କ୍ଷେତ୍ରରେ ପ୍ରଗାଢ଼ ଦକ୍ଷତା ରଖିଛନ୍ତି । ଶ୍ରୀ ଯୋଶୀ ୨୦୧୪ ରୁ ୨୦୧୬ ମସିହା ମଧ୍ୟରେ ରେଳବାଇ ବୋର୍ଡ ରେ ରେଳ ସୁରକ୍ଷା ବଳ ନିର୍ଦ୍ଦେଶକ, ଉତର ରେଳପଥର ଦିଲ୍ଲୀ ଏବଂ ପୂର୍ବ ରେଳପଥର ହାଓଡ଼ା ରେଳ ମଣ୍ଡଳ ମାନଙ୍କରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଭାବେ କାର୍ଯ୍ୟ ତୁଲାଇଛନ୍ତି । ସେ ମଧ୍ୟ ପୂର୍ବତଟ ରେଳପଥରେ ଉପମୁଖ୍ୟ ସୁରକ୍ଷା ଆୟୁକ୍ତ ଭାବେ ୨୦୦୮ ରୁ ୨୦୧୧ ମସିହା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିଛନ୍ତି ।ସେ ସ୍ୱଚ୍ଛ ଭାରତ ମିଶନ ଦଳର ଏକ ପ୍ରମୁଖ ସଦସ୍ୟ ଥିଲେ ଯାହାକି ବିଶ୍ୱର ସର୍ବ ବୃହତ ଆଚରଣ ପରିବର୍ତ୍ତନ କାର୍ଯ୍ୟକ୍ରମକୁ ଯୋଜନା, କାର୍ଯ୍ୟକାରୀ ଏବଂ ତଦାରଖ କରିଥିଲା ଏବଂ ଭାରତକୁ ମୁକ୍ତ ମଳତ୍ୟାଗ କାର୍ଯ୍ୟକ୍ରମ ସଂଚାଳନ କରିବାରେ ସହାୟକ କରିଥିଲା । ସେ ଆନ୍ତ-ମନ୍ତ୍ରଣାଳୟ ସ୍ୱଚ୍ଛତା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଯାହାଦ୍ୱାରା ସ୍ୱଚ୍ଛତା କାର୍ଯ୍ୟ ଯୋଜନା, ସ୍ୱଚ୍ଛତା ପଖୱାଡା, ସ୍ୱଚ୍ଛ ପ୍ରତିଷ୍ଠିତ ସ୍ଥାନ ଏବଂ ଗଙ୍ଗା ଗ୍ରାମ କାର୍ଯ୍ୟକ୍ରମ ଗୁଡିକ ଅନ୍ତର୍ଭୁକ୍ତ ଥିଲା । ଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ ସ୍ୱଚ୍ଛତା କେନ୍ଦ୍ରର ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ ଯେଉଁଠାରେ କଠିନ ବର୍ଜ୍ୟବସ୍ତୁ, ତରଳ ବର୍ଜ୍ୟବସ୍ତୁ ଏବଂ ମଳ ପରିଚାଳନା ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଥିଲେ । ଶ୍ରୀ ଯୁଗଳ ଯୋଶୀଙ୍କ କାର୍ଯ୍ୟ ଦକ୍ଷତା ପାଇଁ ସେ ୨୦୧୮ ମସିହାରେ ସାଧାରଣ ପ୍ରଶାସନ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର, ୨୦୨୦ ମସିହାରେ ଭାରତୀୟ ପୋଲିସ ସେବା ପଦକ, ୨୦୧୩ ମସିହାରେ ଭାରତୀୟ ରେଳବାଇ ଜାତୀୟ ପୁରସ୍କାର, ୨୦୦୯ ମସିହାରେ ସିଙ୍ଗାପୁର ସ୍ଥିତ ଜାତୀୟ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନ ରେ ସ୍ନାତକୋତର ଡିଗ୍ରୀ ଏବଂ ୨୦୦୧ ମସିହାରେ ରେଳବାଇ ସୁରକ୍ଷା ବଳ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଉଚ୍ଚ ପ୍ରଶସ୍ତି ଓ ସୂଚକ ଚିହ୍ନ ସହିତ ଅନେକଥର ସମ୍ମାନିତ ହୋଇଛନ୍ତି ।

# ରାଜ୍ୟସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ : ସୁସ୍ଥ ଜୀବନ ପାଇଁ ସୁରକ୍ଷିତ ପୃଥିବୀ: ଆମ ଦାୟିତ୍ୱ

ଭୁବନେଶ୍ୱର, ୭।୪(ପି.ଏନ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନ ଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୨ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ୍ କୁମାର ମହାନ୍ତି ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦ୍ରୁତ ଗତିରେ ଅବକ୍ଷୟ ହେଉଥିବା ଆମ ପୃଥିବୀର ଜୈବବିବିଧତାର ସୁରକ୍ଷା ନିମନ୍ତେ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ଲୋଡା ବୋଲି ମତ ପ୍ରକାଶ କରିଛନ୍ତି । 'ଆମ ପୃଥିବୀ- ଆମ ସ୍ୱାସ୍ଥ୍ୟ' ଶୀର୍ଷକ ଏହି ରାଜ୍ୟ ସ୍ତରୀୟ ସମାରୋହରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ (ମେଡିକାଲ ସର୍ଭିସେସ୍) ଡା. ଦୀନବନ୍ଧୁ ପଣ୍ଡା, ଭାରତ ସରକାରଙ୍କ ବରିଷ୍ଠ ଆଚଂଳିକ ନିର୍ଦ୍ଦେଶକ, ଡା. ଏସ୍.କେ. କର, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ସେବା ଡା. ବିଜୟ କୁମାର ମହାପାତ୍ର, କିମ୍ସର ଉପ-କୁଳପତି ଡା.ସି.ବି.କେ. ମହାନ୍ତି, ନିର୍ଦ୍ଦେଶକ ଆୟୁଷ, ଡ଼ା. ଭୂମେଶ ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ଓଡିଶା ଶାଖା ପ୍ରତିନିଧି ଡା. ନିହାର ରାୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି ଅଂଶଗ୍ରହଣ କରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୨ ଏବଂ ଏ ବର୍ଷର ବାର୍ତାର ଯଥାର୍ଥ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ । ରାଜ୍ୟସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଦ୍ୱିତୀୟ ଭାଗରେ ଆୟୋଜିତ ବିଷୟିକ ଅଧିବେଶନରେ ଭାରତୀୟ ପାଣିପାଗ ବିଭାଗର ଆଚଂଳିକ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ମୁଖ୍ୟ ବୈଜ୍ଞାନିକ ଡା. ହବିବୁର ରେହମାନ୍ ବିଶ୍ୱାସ, ଆଇଆଇପିଏଚ୍ ନିର୍ଦ୍ଦେଶକ ଡା. ଶ୍ରୀଧର କଦମ୍, ନିର୍ଦ୍ଦେଶକ ଜନସ୍ୱାସ୍ଥ୍ୟ ଡା. ନିରଞ୍ଜନ ମିଶ୍ର ଓ ୟୁନିସେଫ୍ ପ୍ରତିନିଧି ଡା. ମୀନା ସୋମ୍ ପ୍ରମୁଖ ଅଂଶଗ୍ରହଣ କରି ଜଳବାୟୁ ପରିବର୍ତନ, ମନୁଷ୍ୟ ଜୀବନ ଉପରେ କି କି ନକରାତ୍ମକ ପ୍ରଭାବ ପକାଉଛି ଓ ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଡା. ବିଜୟ କୁମାର ମହାପାତ୍ର ଏହି ବୈଷୟିକ ଅଧିବେଶନର ସାରାଂଶ ଆଲୋଚନା କରିଥିଲାବେଳେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ବିଭାଗୀୟ ନିର୍ଦ୍ଦେଶକ, ଅତିରିକ୍ତ ନିର୍ଦ୍ଦେଶକ ଏବଂ ଯୁଗ୍ମ ନିର୍ଦ୍ଦେଶକ ତଥା ପଦାଧିକାରୀମାନେ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଂଯୁକ୍ତ ନିର୍ଦ୍ଦେଶାଳୟର ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଆଇଆଇପିଏଚ୍, ଭୁବନେଶ୍ୱରରେ ଜନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧ୍ୟୟନ କରୁଥିବା ଡାକ୍ତର, ଶିକ୍ଷାଦାନରେ ନିୟୋଜିତ ଅଧ୍ୟାପକ ଏବଂ ଜନସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣ ସରକାରୀ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ରାଜ୍ୟ ସ୍ତରୀୟ ସମାରୋହରେ ଅଂଶଗ୍ରହଣ କରିଥିଲେ। କେବଳ ରାଜ୍ୟସ୍ତରୀୟ ଉତ୍ସବ ନୁହେଁ ଆଜି ସମଗ୍ର ଓଡ଼ିଶାର ବିଭିନ୍ନ ଜିଲ୍ଲା, ବ୍ଲକ ଏବଂ ଆଚଂଳିକ ସ୍ତରରେ ମଧ୍ୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଆଜିର ଦିନରେ ସାରା ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନତା ଏବଂ ଏହାର କୁପ୍ରଭାବରୁ ନିଜର ଏବଂ ନିଜ ଉତ୍ତରପିଢ଼ିର ସୁରକ୍ଷା ପାଇଁ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ଉଦ୍ୟମ ନିମନ୍ତେ ଜନସଚେତନତା ସୃଷ୍ଟି କରାଯାଇଛି ।

# ତୋଷାଳିର ଏକାଦଶ ସନ୍ଧ୍ୟା ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର, ୭।୪(ପି.ଏନ):– ଷୋଡ଼ଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଏଗାର ଦିନ ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ମେଳାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସମବେତ ଶିଳ୍ପୀ, କଳାକାର, ବୁଣାକାର ଓ ଦର୍ଶକମାନଙ୍କୁ ଉଦ୍ ବୋଧନ ଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ କୋଭିଡ୍ ପରବର୍ତୀ ଅବସ୍ଥାରେ ପ୍ରଥମ ଥର କରି ତୋଷାଳି ମେଳାକୁ ସମାରୋହ ଓ ସଫଳତାର ସହିତ ଆୟୋଜନ କରାଯାଇଛି । ଏହା କୋଭିଡ୍ କ୍ଷତିଗ୍ରସ୍ତ ଶିଳ୍ପୀମାନଙ୍କ ପାଇଁ ନୂଆ ଆଶା ସଂଚାର କରିଛି । ପ୍ରଦର୍ଶନୀକୁ ଦୈନିକ ହଜାର ହଜାର ସଂଖ୍ୟାର ଦର୍ଶକ ପରିଦର୍ଶନ କରୁଛନ୍ତି ଏବଂ ଶିଳ୍ପୀ ଓ କାରିଗରମାନଙ୍କର ଉତ୍ପାଦିତ ଦ୍ରବ୍ୟ ବିକ୍ରି ବହୁଗୁଣିତ ହୋଇଛି ।କାଇଁଚ ଶିଳ୍ପ ଓଡ଼ିଶାର ଏକ ସ୍ୱତନ୍ତ୍ର ହସ୍ତଶିଳ୍ପ । କାଇଁଚ ଶିଳ୍ପୀମାନେ ଦୈନିଦିନ ଜୀବନରେ ବ୍ୟବହାର୍ଯ୍ୟ ପଦାର୍ଥଠାରୁ ଆରମ୍ଭ କରି କାର୍ଯ୍ୟାଳୟ ଓ ବିଭିନ୍ନ ପ୍ରକାର ସାଜସଜ୍ଜାରେ ଆବଶ୍ୟକ ପଡୁଥିବା ଦ୍ରବ୍ୟ ଉତ୍ପାଦନ କରନ୍ତି । ଏହି ଶିଳ୍ପୀମାନଙ୍କର ଉତ୍ପାଦ ବେଶ୍ ଆକର୍ଷଣୀୟ ଏବଂ ଉପଯୋଗୀ । କାଇଁଚ ହସ୍ତଶିଳ୍ପକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରଚେଷ୍ଟା ଆରମ୍ଭ କରାଯାଇଛି । କେନ୍ଦ୍ରାପଡ଼ା କାଇଁଚ ଉତ୍ପାଦର ଜି.ଆଇ. ଟ୍ୟାଗିଂ ପାଇଁ ମଧ୍ୟ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ । ମୁଖ୍ୟ ଶାସନ ସଚିବ ଆହୁରି ମଧ୍ୟ କହିଥିଲେ ଯେ ହସ୍ତଶିଳ୍ପୀ ଓ କାରିଗରମାନଙ୍କୁ ବର୍ଷତମାମ୍ ବିକ୍ରିବଟା ସୁଯୋଗ ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଭୁବନେଶ୍ୱର ଏକାମ୍ର ହାଟରେ ସ୍ୱତନ୍ତ୍ର ଷ୍ଟଲମାନ ପ୍ରତିଷ୍ଠା କରାଯାଇଛି । ପୁରୀ ଓ କୋଣାର୍କରେ ଥିବା ନୀଳାଚଳ ଓ କୋଣାର୍କ ହାଟକୁ ନବୀକରଣ କରାଯାଇ ବର୍ଷତମାମ୍ ଚାଲୁ କରାଯିବାର ବ୍ୟବସ୍ଥା କରାଯାଉଛି ବୋଲି ମଧ୍ୟ ସେ କହିଥିଲେ । ବିଭାଗୀୟ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଜଣାଇଥିଲେ ଯେ କେନ୍ଦ୍ରାପଡ଼ା ଜିଲ୍ଲାରୁ ପ୍ରାୟ ୩ ହଜାର କାଇଁଚ ଶିଳ୍ପୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୯୦ ଭାଗ ହେଉଛନ୍ତି ମହିଳା । ଚିହ୍ନିତ ଶିଳ୍ପୀମାନଙ୍କୁ ଆଧୁନିକ କାଇଁଚ କଳା ବିଷୟରେ ତାଲିମ ଦେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଇତି ମଧ୍ୟରେ ୯୬୫ ଜଣଙ୍କୁ ତାଲିମ ଦିଆସରିଛି ଏବଂ ଆଉ ୫୦୦ ଜଣଙ୍କର ତାଲିମ କାର୍ଯ୍ୟକ୍ରମ ଚାଲୁ ରହିଛି । ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ସମସ୍ତ ଚିହ୍ନିତ ଶିଳ୍ପୀମାନଙ୍କୁ ତାଲିମ ଦିଆଯିବ ବୋଲି ଶ୍ରୀମତୀ ଶର୍ମା ଜଣାଇଥିଲେ । ସୂଚନାଯୋଗ୍ୟ, ଚଳିତ ବର୍ଷ ପ୍ରାୟ ୪୫୦ ଷ୍ଟଲରେ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶିତ ଓ ବିକ୍ରୟ ହେଉଛି । ଓଡ଼ିଶା ସମେତ ପ୍ରାୟ ୨୪ଟି ରାଜ୍ୟରୁ କାରିଗର ଓ ବୁଣାକାରମାନେ ନିଜ ନିଜ ଉତ୍ପାଦ ବିକ୍ରିବଟା କରୁଛନ୍ତି । ମୁଖ୍ୟ ଶାସନ ସଚିବ ମେଳାରେ ବିଭିନ୍ନ ଷ୍ଟଲ ବୁଲିବା ସହ ଶିଳ୍ପୀ ଓ ବୁଣାକାରମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଶିଳ୍ପୀ ଓ ବୁଣାକାରମାନେ ସଂପୃକ୍ତ ହସ୍ତଶିଳ୍ପର ବିକାଶ ନିମନ୍ତେ ଆବଶ୍ୟକୀୟ ମତାମତ ଦେଇଥିଲେ । ମେଳାର ଅନ୍ୟ ଏକ ଆକର୍ଷଣ ହେଉଛି ବିଭିନ୍ନ ପ୍ରକାରର ଓଡ଼ିଆ ଖାଦ୍ୟଦ୍ରବ୍ୟ, ସୁସ୍ୱାଦୁ ଆମିଷ ଓ ନିରାମିଷ ଖାଦ୍ୟ ଷ୍ଟଲ । ଏସବୁ ଖାଦ୍ୟ ଦର୍ଶକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray